# ଏନ୍‌ଡିଏ ସଫଳତାର ପ୍ରମୁଖ କାରଣ

ନୂଆଦିଲ୍ଲୀ,୨୩।୫

ସପ୍ତଦଶ ଲୋକ ସଭା ନିର୍ବାଚନରେ ଭାଜପା ନେତୃତ୍ୱାଧୀନ ଏନଡିଏକୁ ବିପୁଳ ବିଜୟ ମିଳିଛି। ଏହାଦ୍ୱାରା ପୁଣିଥରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କେନ୍ଦ୍ରରେ ସରକାର ଗଠନ କରିବା ପଥ ସୁଗମ ହୋଇଛି। ନେହେରୁ, ଇନ୍ଦିରାଙ୍କ ପରେ ମୋଦି ପ୍ରଥମ ପ୍ରଧାନମନ୍ତ୍ରୀଭାବେ ଲଗାତର ସଂଖ୍ୟାଗରିଷ୍ଠତା ହାସଲ କରି କେନ୍ଦ୍ରରେ ସରକାର ଗଠନ କରିବାକୁ ଯାଉଛନ୍ତି। ବିରୋଧୀମାନେ ଏଥର ଚିତ୍‌ପଟାଙ୍ଗ ମାରିଥିବାବେଳେ ଭାଜପା ନେତୃତ୍ୱାଧୀନ ଏନଡିଏ ପୁଣି କ୍ଷମତାକୁ ଫେରିବା ପଛର କାରଣ କ'ଣ ତାହା ନିମ୍ନରେ ଉଲ୍ଲେଖ କରାଗଲା।

ପ୍ରଥମେ ମୋଦିଙ୍କ ବଳିଷ୍ଠ ନେତୃତ୍ୱ ଓ ଜନକଲ୍ୟାଣକାରୀ ଯୋଜନା ଲୋକଙ୍କ ମନକୁ ଛୁଇଁପାରିଛି। ରାଜନୀତିରେ ଅଭିଜ୍ଞ ମୋଦି ଗତ ୫ ବର୍ଷରେ ବିଭିନ୍ନ ସରକାରୀ ଯୋଜନା ଲୋକାଭିମୁଖୀ କରିବାରେ ସଫଳ ହୋଇଛନ୍ତି। ସେଥିମଧ୍ୟରୁ ଏଲ୍‌ପିଜି ଯୋଜନା ଓ ଟଏଲେଟ୍ ଯୋଜନାକୁ ଗୁରୁତ୍ୱ ଦିଆଯାଇପାରେ। ୨୦୧୪ରେ ଶପଥଗ୍ରହଣ କରିବା ପରେ ସ୍ୱଚ୍ଛ ଓ ପରିମଳ ବ୍ୟବସ୍ଥା ଉପରେ ମୋଦି ଗୁରୁତ୍ୱ ଦେଇଥିଲେ। ଏହାସହ ପ୍ରତ୍ୟେକ ଘରେ ଟଏଲେଟ୍ ବ୍ୟବସ୍ଥା କରାଇବା ଲାଗି ସେ ଅଭିଯାନକୁ ଜୋର୍‌ଦାର୍ କରିଥିଲେ। ଏବେ ସୁଦ୍ଧା ମୋଦି ସରକାର ଦେଶରେ ୯ କୋଟିରୁ ଊର୍ଦ୍ଧ୍ୱ ଟଏଲେଟ୍ ଗରିବଙ୍କ ଲାଗି ନିର୍ମାଣ କରିଥିବା ଜଣାପଡ଼ିଛି। ମୋଦିଙ୍କ ଉଜ୍ଜ୍ୱଳା ଯୋଜନାରେ ଗରିବଙ୍କୁ ମାଗଣାରେ ଏଲ୍‌ପିଜି ଗ୍ୟାସ ଯୋଗାଇ ଦେବା ଏକ ମସ୍ତବଡ଼ ଉପଲବ୍ଧି। ଗ୍ରାମୀଣ ଗରିବଙ୍କ ଲାଗି ମୋଦି ସରକାର ୭ କୋଟିରୁ ଊର୍ଦ୍ଧ୍ୱ ଏଲ୍‌ପିଜି ବଣ୍ଟନ କରିବା ଓ ମହିଳା ସଶକ୍ତିକରଣ ଲାଗି ଅଣ୍ଟା ଭିଡ଼ିବା ମଧ୍ୟ ଏକ ବଳିଷ୍ଠ ପଦକ୍ଷେପ। ଏହି ଦୁଇ ଯୋଜନାରେ ୧୬ କୋଟି ପରିବାର ଅର୍ଥାତ ପାଖାପାଖି ୨୫ କୋଟି ଭୋଟର ଯୋଡ଼ିହୋଇ ସାରିଛନ୍ତି।

ଦ୍ୱିତୀୟରେ ବାଲାକୋଟ୍ ଆକ୍ରମଣ ମୋଦିଙ୍କ ଦେଶପ୍ରେମ ଓ ଜାତୀୟ ସୁରକ୍ଷା ନେଇ ଭୋଟରଙ୍କ ମନରେ ଆସ୍ଥା ପ୍ରକଟ କରିଥିଲା। ପୁଲଓ୍ୱାମା ଆତଙ୍କବାଦୀ ହମ୍‌ଲାର ୧୨ ଦିନ ପରେ ବାଲାକୋଟ୍ ଜେଇଏମ୍ ଆତଙ୍କବାଦୀ ଆଡ୍ଡା ଉପରେ ଭାରତୀୟ ବାୟୁସେନାର ଆକ୍ରମଣ ଦେଶବାସୀଙ୍କ ମନରେ ସୃଷ୍ଟିହୋଇଥିବା ପ୍ରତିଶୋଧ ମନୋଭାବକୁ ଶାନ୍ତ କରିବାରେ ସଫଳ ହେବା ସହ ପାକିସ୍ତାନକୁ ଉଚିତ ଶିକ୍ଷା ଦେଇଥିଲା। ମୋଦିଙ୍କ ଧମକ ପରେ ପାକିସ୍ତାନ ଭାରତର ୱିଙ୍ଗ୍ କମାଣ୍ଡର୍ ଅଭିନନ୍ଦନଙ୍କୁ ଛାଡ଼ିବାକୁ ବାଧ ହୋଇଥିଲା।

ତୃତୀୟରେ ଭାଜପା ଗତ ୫ ବର୍ଷ ହେବ ତୃଣମୂଳସ୍ତରରେ ସଙ୍ଗଠନକୁ ମଜଭୁତ କରିବା ଲାଗି ଉଦ୍ୟମ ଜାରି ରଖିଥିଲା। ସଦସ୍ୟ ସଂଗ୍ରହ ଅଭିଯାନ, ବୁଥସ୍ତରୀୟ ପ୍ରଚାରଠାରୁ ଆରମ୍ଭ କରି ପ୍ରାଦେଶିକ ଓ କେନ୍ଦ୍ରୀୟ କମିଟି ଗଠନକୁ ଦଳ ଜୋର୍‌ଦାର୍ କରିଥିଲା। ଏଥିସହ ସହଯୋଗୀ ଦଳଗୁଡ଼ିକ ସହ ସମନ୍ୱୟ ରଖି ରଣନୀତି ପ୍ରସ୍ତୁତି ଓ ପ୍ରଚାର ଶୈଳୀ ଭାଜପାକୁ ପୁଣି ସଫଳତା ଆଣିଦେଇଛି।

ଚତୁର୍ଥରେ ହିନ୍ଦୁତ୍ୱ ପ୍ରସଙ୍ଗ ଭାଜପାକୁ ବିଜୟୀ କରିବାରେ ପ୍ରମୁଖ ଭୂମିକା ଦେଇଛି। ଗୋ ସୁରକ୍ଷା, ଗୋମାଂସ ପ୍ରସଙ୍ଗ, ଦୁର୍ଗାପୂଜା, ମହରମ୍‌କୁ ନେଇ ଉପୁଜୁଥିବା ବିବାଦରୁ ଭାଜପା ଫାଇଦା ନେବାରେ ସକ୍ଷମ ହୋଇପାରିଛି। ଏହାଛଡ଼ା ଜୟ ଶ୍ରୀ ରାମ ପ୍ରସଙ୍ଗ ମଧ୍ୟ ହିନ୍ଦୁତ୍ୱ ପ୍ରସଙ୍ଗକୁ ବଳିଷ୍ଠ କରିପାରିଛି।

ପଞ୍ଚମରେ ମୋଦି ବ୍ରାଣ୍ଡ ନିର୍ବାଚନକୁ ସରଗରମ୍ କରିପାରିଛି। ମୋଦିଙ୍କ ବିରୋଧରେ ବିରୋଧୀ ଦଳରୁ କିଏ ବୋଲି ପ୍ରଶ୍ନ ମଧ୍ୟ କରାଯାଇଛି। ମୋଦିଙ୍କ ସମକକ୍ଷ ପ୍ରଧାନମନ୍ତ୍ରୀ ପ୍ରାର୍ଥୀଭାବେ ବିରୋଧୀ ଦଳଗୁଡ଼ିକ ପକ୍ଷରୁ କାହା ନାମ ଘୋଷଣା କରା ନ ଯିବା ଭାଜପାକୁ ସଫଳତା ଆଣିଦେଇଛି। ବିଶ୍ୱସ୍ତରରେ ମୋଦିଙ୍କ ବ୍ୟକ୍ତିତ୍ୱ, ଦୃଢ଼ ଇଚ୍ଛାଶକ୍ତି, ଦେଶପ୍ରେମ,ଦୁର୍ନୀତି ବିରୋଧୀ ପଦକ୍ଷେପ, ଅନ୍ତର୍ଜାତୀୟ କୁଟନୀତି ପୁଣି ଥରେ ତାଙ୍କୁ କ୍ଷମତାସୀନ କରିବାକୁ ବାଧ୍ୟକରିଛି କହିଲେ ଅତ୍ୟୁକ୍ତି ହେବନାହିଁ।

## ଏହା ଦେଶବାସୀଙ୍କ ବିଜୟ

**ନୂଆଦିଲ୍ଲୀ,୨୩।୫:** ନିର୍ବାଚନରେ ଭାଜପା ମେଣ୍ଟର ବିପୁଳ ବିଜୟ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ବିଜୟର ଶ୍ରେୟ ଦେଶବାସୀଙ୍କୁ ଦେଇଛନ୍ତି। ଦେଶର କୃଷକ ଓ ମଧ୍ୟବର୍ଗଙ୍କ ଉଦ୍ୟମ ଓ ସେମାନଙ୍କ ଉତ୍ତରଦାୟିତ୍ୱ ଦେଶକୁ ଆଗେଇ ନେଇଛି ବୋଲି ସେ ପ୍ରକାଶ କରିଛନ୍ତି। ବିଜୟ ପରେ ୪୫ ମିନିଟ୍‌ର ଉଦ୍‌ବୋଧନ ଦେଇ ସେ କହିଛନ୍ତି ଯେ, ଦେଶବାସୀଙ୍କ ଲାଗି ପ୍ରତିଟି ମୁହୂର୍ତ୍ତ ମୁଁ ସମର୍ପଣ କରିବାକୁ ପ୍ରତିଜ୍ଞା କରୁଛି। ଏବେ ଦେଶରେ ଦୁଇଟି ଜାତି ଅଛି। ଗୋଟିଏ ଗରିବ ଓ ଆଏ ଗୋଟେ ଗରିବ ଦୂରକରିବା ଲାଗି ଉଦ୍ୟମ କରୁଥିବା ଜାତି। ଦିଲ୍ଲୀସ୍ଥିତ ଦଳୀୟ ମୁଖ୍ୟାଳୟଠାରେ ସେ



ସମର୍ଥକମାନଙ୍କୁ କହିଥିଲେ ଯେ, ନୂତନ ଭାରତ ଗଠନ ଲାଗି ଜନାଦେଶ ମିଳିଛି। 'ମୋଦି' 'ମୋଦି' ସ୍ଲୋଗାନ୍‌ରେ ଉକ୍ତ ସ୍ଥାନ ଫାଟି ପଡୁଥିବାବେଳେ ବିଜୟର ଶ୍ରେୟ ମୋଦି ନୁହଁନ୍ତି ବରଂ ଦେଶର ଜନସାଧାରଣ ବୋଲି ସେ କହିଥିଲେ। ଦେଶକୁ ଖାଦ୍ୟ ଯୋଗାଉଥିବା କୃଷକଙ୍କର, ସରକାରୀ ନିୟମ ମାନି ଠିକ୍ ସମୟରେ କର ପୈଠ କରୁଥିବା ମଧ୍ୟବର୍ଗଙ୍କର ବୋଲି ମୋଦି କହିଥିଲେ।

## ବିଦେଶୀ ନେତୃବୃନ୍ଦଙ୍କ ଅଭିନନ୍ଦନ



'ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଐତିହାସିକ ବିଜୟ ପାଇଁ ବଧେଇ। ଏହି ବିଜୟ ଫଳରେ ଭାରତ ଓ ଇସ୍ରାଏଲ ମଧ୍ୟରେ ସମ୍ପର୍କ ଆହୁରି ଦୃଢ଼ୀଭୂତ ହେବ।'

**-ବେଞ୍ଜାମିନ୍ ନେତ୍‌ନ୍ୟାହୁ, ଇସ୍ରାଏଲ ପ୍ରଧାନମନ୍ତ୍ରୀ**



'ଜାପାନ ପ୍ରଧାନମନ୍ତ୍ରୀ ଶିଞ୍ଜୋ ଆବେ। ମୋଦିଙ୍କ ବିଜୟ ଯୋଗୁ ଜାପାନ-ଭାରତ ମଧ୍ୟରେ ଦୁଇ ଦେଶର ଦ୍ୱିପାକ୍ଷିକ ସମ୍ପର୍କ ଅଧିକ ଦୃଢ଼ିଭୂତ ହେବ।'

**-ଶିଞ୍ଜୋ ଆବେ,ଜାପାନ ପ୍ରଧାନମନ୍ତ୍ରୀ**



'ଚମତ୍କାର ବିଜୟ ପାଇଁ ଭାରତର ପ୍ରଧାନମନ୍ତ୍ରୀଙ୍କୁ ଅଭିନନ୍ଦନ। ଭାରତ ସହ ଏକତ୍ର କାମ କରିବା ଲାଗି ଶ୍ରୀଲଙ୍କା ଆଗ୍ରହୀ।'

**-ରାନିଲ ୱିକ୍ରମସିଂଘେ, ଶ୍ରୀଲଙ୍କା ପ୍ରଧାନମନ୍ତ୍ରୀ**



'ସାଧାରଣ ନିର୍ବାଚନରେ ଏନ୍‌ଡିଏ ସରକାରଙ୍କ ବିଜୟରେ ନେପାଳ ଅଭିନନ୍ଦନ ଜଣାଉଛି। ଭାରତ ଓ ନେପାଳ ମଧ୍ୟରେ ରହିଥିବା ସମ୍ପର୍କ ଏହାଦ୍ୱାରା ଆହୁରି ଦୃଢ଼ହେବ ବୋଲି ଆଶା।'

**-କେ.ପି. ଶର୍ମା ଓଲି ନେପାଳ ପ୍ରଧାନମନ୍ତ୍ରୀ**



'ସାଧାରଣ ନିର୍ବାଚନରେ ବିଜୟ ପାଇଁ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଅଭିନନ୍ଦନ। ଭାରତ ଓ ରୁଷ୍ ମଧ୍ୟରେ ଦୀର୍ଘବର୍ଷର ବନ୍ଧୁତ୍ୱକୁ ଅଧିକ ଆଗେଇ ନିଆଯିବ।'

**-ଭ୍ଲାଡ଼ିମିର ପୁଟିନ୍, ରୁଷ୍ ରାଷ୍ଟ୍ରପତି**



'ଭାରତର ଅଧିବାସୀ ବିପୁଳ ସଂଖ୍ୟାରେ ଭୋଟ୍ ଦେଇ ଏନ୍‌ସିଏ ସରକାରଙ୍କୁ ବିଜୟୀ କରାଇଛନ୍ତି। ଏଥିପାଇଁ ମୋଦିଙ୍କୁ ଅଭିନନ୍ଦନ।'

**-ଅଶ୍‌ରଫ୍ ଗନୀ, ଆଫଗାନିସ୍ତାନ ରାଷ୍ଟ୍ରପତି**



'ପ୍ରଧାନମନ୍ତ୍ରୀଙ୍କୁ ବିଜୟ ପାଇଁ ବଧେଇ। ଭାରତ ସହ ଦ୍ୱିପାକ୍ଷିକ ସମ୍ପର୍କକୁ ଶୀର୍ଷରେ ପହଞ୍ଚାଇବା ପାଇଁ ଭାରତ ଓ ଚାଇନା ଏକାଠି କାମ କରିବେ।'

**-ଜି.ଜିନ୍‌ପିଙ୍ଗ,ଚାଇନା ରାଷ୍ଟ୍ରପତି**



'ଭାରତର ନିର୍ବାଚନରେ ବିପୁଳ ବିଜୟ ପାଇଁ ପ୍ରଧାନମନ୍ତ୍ରୀଙ୍କୁ ଅଭିନନ୍ଦନ। ଭୁଟାନ ସହ ଭାରତର ସମ୍ପର୍କ ଏହାଦ୍ୱାରା ଦୃଢ଼ିଭୂତ ହେବ ବୋଲି ଆଶା।'

**-ଭୁଟାନ ରାଜା ଜିଗ୍‌ମେ ଖେସର ନାମଗ୍ୟାଲ ୱାଙ୍ଗଚୁକ୍**

'ଭାରତରେ ଐତିହାସିକ ବିଜୟ ପାଇଁ ପ୍ରଧାନମନ୍ତ୍ରୀଙ୍କୁ ବଧେଇ ଜଣାଇଲେ



'ଭାଜପା ଓ ଏହାର ସହଯୋଗୀଙ୍କ ବିଜୟରେ ନରେନ୍ଦ୍ର ମୋଦିଙ୍କୁ ଅଭିନନ୍ଦନ ଜଣାଉଛି। ଦକ୍ଷିଣ ଏସିଆରେ ଶାନ୍ତି, ପ୍ରଗତି,ସମୃଦ୍ଧି ଲାଗି ତାଙ୍କ ସହ କାମ କରିବାକୁ ଆଗ୍ରହୀ।

**-ଇମ୍ରାନ ଖାନ୍, ପାକିସ୍ତାନ ପ୍ରଧାନମନ୍ତ୍ରୀ**



ଗୁରୁବାର ପଶ୍ଚିମବଙ୍ଗର ବରଦ୍ୱାନ ଜିଲାରେ ଭୋଟ ଗଣତିବେଳେ ତୃଣମୂଳ କଂଗ୍ରେସ କର୍ମୀମାନେ ଭାଜପା କର୍ମୀଙ୍କୁ ଆକ୍ରମଣ କରୁଛନ୍ତି।

## ଅରୁଣାଚଳରେ ଭାଜପାକୁ ବହୁମତ

ଇଟାନଗର,୨୩।୫

ଅରୁଣାଚଳ ପ୍ରଦେଶ ବିଧାନସଭା ନିର୍ବାଚନରେ ଭାରତୀୟ ଜନତା ପାର୍ଟି (ଭାଜପା)କୁ ବହୁମତ ମିଳିଛି। ରାତି ୧୦ଟା ସୁଦ୍ଧା ଟ୍ରେଣ୍ଡ ଅନୁଯାୟୀ ଏହି ଦଳ ୨୬ଟି ଆସନରେ ବିଜୟୀ ହୋଇଥିବାବେଳେ ୮ଟିରେ ଆଗରେ ରହିଛି। ଜେଡିୟୁ ୬ଟି ଆସନରେ ବିଜୟୀ ହୋଇଥିବାବେଳେ କଂଗ୍ରେସ ୩, ଏନପିପି ଗୋଟିଏ ଏବଂ ପିପିଓଏ ଗୋଟିଏ ଆସନରେ ବିଜୟୀ ହୋଇଛି। ୬୦ ଆସନ ବିଶିଷ୍ଟ ଅରୁଣାଚଳପ୍ରଦେଶ ବିଧାନସଭା ଲାଗି ଭାଜପା, କଂଗ୍ରେସ ଏବଂ ଏନ୍‌ପିପି ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ସେଥିରୁ ୪୫ ଆସନର ଫଳାଫଳ ଆସିଥିବାବେଳେ ଅନ୍ୟ ୧୫ ଆସନର ଫଳାଫଳ ଜଣାପଡିନାହିଁ। ଏଠାରେ ଭାଜପା ନେତୃତ୍ୱାଧୀନ ସରକାରଙ୍କୁ ଜେଡିୟୁ ସମର୍ଥନ ଜଣାଇବ ବୋଲି ଏହାର ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ କେ.ସି. ତ୍ୟାଗୀ କହିଛନ୍ତି।

## ରାଏବରେଲିରୁ ସୋନିଆ ବିଜୟୀ

ଲକ୍ଷ୍ନୌ,୨୩।୫(ପି.ଟି.)



କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀ ରାଏବରେଲି ଲୋକ ସଭା ଆସନରୁ ବିଜୟୀ ହୋଇଛନ୍ତି। ସେ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ତଥା ଭାଜପା ପ୍ରାର୍ଥୀ ଦିନେଶ ପ୍ରତାପ ସିଂଙ୍କୁ ୧,୬୭,୧୭୮ ଭୋଟ ବ୍ୟବଧାନରେ ହରାଇ ଦେଇଛନ୍ତି। ସୋନିଆ ଗାନ୍ଧୀ ୫,୩୪,୯୧୮ ଭୋଟ ପାଇଥିବା ବେଳେ ଦିନେଶ ସିଂ ୩,୬୭,୭୪୦ଟି ଭୋଟ ପାଇଥିଲେ। ଏହି ଆସନ ପାଇଁ ଏସ୍‌ପି ଏବଂ ବିଏସ୍‌ପି ସୋନିଆଙ୍କୁ ସମର୍ଥନ କରିଥିଲେ। ୨୦୧୪ରେ ସୋନିଆ ଭାଜପା ପ୍ରାର୍ଥୀ ଅଜୟ ଅଗ୍ରୱାଲ୍‌ଙ୍କୁ ୩,୫୨,୭୧୩ ଭୋଟ ବ୍ୟବଧାନରେ ହରାଇ ଦେଇଥିଲେ।

## ଟୁଇଟରରୁ 'ଚୌକିଦାର' ଶବ୍ଦକୁ ହଟାଇଲେ ମୋଦି

ନୂଆଦିଲ୍ଲୀ,୨୩।୫(ପି.ଟି.)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କେନ୍ଦ୍ରରେ ଦ୍ୱିତୀୟ ଥର କ୍ଷମତା ବଜାୟ ରଖିବା ଲାଗି ଜନାଦେଶ ପାଇଥିବାବେଳେ ନିଜ ଟ୍ୱିଟର ପ୍ରୋଫାଇଲରୁ 'ଚୌକିଦାର' ଶବ୍ଦକୁ ହଟାଇଦେଇଛନ୍ତି। ତେବେ ଏହା ତାଙ୍କ ପାଇଁ ଅବିଚ୍ଛେଦ୍ୟ ଅଂଶ ହୋଇ ରହିବ ବୋଲି ପ୍ରଧାନମନ୍ତ୍ରୀ ଏକ ବାର୍ତ୍ତାରେ କହିଛନ୍ତି। ଚୌକିଦାର ଭାବନାକୁ ପରବର୍ତ୍ତୀ ସ୍ତରକୁ ନେଇଯିବାର ସମୟ ଆସିଛି। ଦେଶବାସୀ ଚୌକିଦାର ସାଜି ଦେଶ ପାଇଁ ବଡ଼ ସେବା କରିଛନ୍ତି। ଦେଶକୁ ଜଗିବାରେ ଏହା ଏକ ବଡ଼ ସେବା ବୋଲି ସେ କହିଛନ୍ତି। ପ୍ରଧାନମନ୍ତ୍ରୀ ତାଙ୍କର ମେ ଭି ଚୌକିଦାର ପ୍ରଚାରରେ ଏହି ଶବ୍ଦକୁ ନିଜ ଟ୍ୱିଟର ହ୍ୟାଣ୍ଡଲରେ ବ୍ୟବହାର କରିଥିଲେ। ଦଳ ଅଧ୍ୟକ୍ଷ ଅମିତ ଶାହ ଏବଂ କେନ୍ଦ୍ର ଓ ରାଜ୍ୟ ମନ୍ତ୍ରିମଣ୍ଡଳର ଅନେକ ସଦସ୍ୟ ସେମାନଙ୍କ ନାଁ ପୂର୍ବରୁ ଚୌକିଦାର ଶବ୍ଦ ବ୍ୟବହାର କରିଥିଲେ।

## ସମର୍ଥକଙ୍କୁ ଅଭିନନ୍ଦନ ଜଣାଇଲେ ମୋଦିଙ୍କ ମା'

ଅହମ୍ମଦାବାଦ,୨୩।୫(ପି.ଟି.)

ଲୋକ ସଭା ନିର୍ବାଚନରେ ଭାଜପା ବିଜୟୀ ହୋଇଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମା' ହୀରାବେନ୍ ଦଳୀୟ ସମର୍ଥକମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଭାଜପାର ବିପୁଳ ବିଜୟରେ ଖୁସି ହୋଇ ସମର୍ଥକମାନେ ଗୁରୁବାର ଅପରାହ୍ନରେ ମୋଦିଙ୍କ ପୈତୃକ ବାସଭବନ ନିକଟରେ ସମବେତ ହୋଇଥିବା ବେଳେ ତାଙ୍କ ମା' ସମସ୍ତଙ୍କୁ ଅଭିନନ୍ଦନ ଜଣାଇଥିଲେ। ବାରାଣସୀ ଲୋକ ସଭା ଆସନରୁ



ପ୍ରତିଦ୍ୱନ୍ଦ୍ୱିତା କରିଥିବା ମୋଦି ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ସମାଜବାଦୀ ପାର୍ଟି ପ୍ରାର୍ଥୀ ଶାଳିନୀ ଯାଦବଙ୍କୁ ଅଧିକ ଭୋଟ ବ୍ୟବଧାନରେ ହରାଇ ଦେଇଛନ୍ତି। ଭୋଟ ଗଣତି ଫଳାଫଳରୁ ମୋଦି ତଥା ଭାଜପାର ପ୍ରାର୍ଥୀମାନେ ଅଧିକ ସଂଖ୍ୟାରେ ବିଜୟୀ ହେବାର ସୂଚନା ମିଳିବା ପରେ ଅପରାହ୍ନରେ ଦଳୀୟ ସମର୍ଥକମାନେ ମୋଦିଙ୍କ ବାସଭବନ ସମ୍ମୁଖରେ ସମବେତ ହୋଇ ସ୍ଲୋଗାନମାନ ଦେଇଥିଲେ।

ମୋଦିଙ୍କ ୯୦ବର୍ଷୀୟା ମା' ହୀରାବେନ୍ ତାଙ୍କ ସାନପୁଅ ପଙ୍କଜ ମୋଦିଙ୍କ ସହିତ ରହୁଛନ୍ତି। ପ୍ରଧାନମନ୍ତ୍ରିତ୍ୱ ସମୟରେ ମୋଦି ଯେବେ ଗୁଜରାଟ ଗସ୍ତରେ ଯାଆନ୍ତି ତାଙ୍କ ମା'ଙ୍କୁ ନିଶ୍ଚୟ ସାକ୍ଷାତ କରି ତାଙ୍କଠାରୁ ଆଶୀର୍ବାଦ ନେଇଥାଆନ୍ତି।

## ହେମାମାଳିନୀ ଜିତିଲେ



**ମଥୁରା, ୨୩।୫:** ମଥୁରା ଲୋକ ସଭା ଆସନରୁ ସାଂସଦ ତଥା ଭାଜପା ପ୍ରାର୍ଥୀ ହେମାମାଳିନୀ ବିଜୟୀ ହୋଇଛନ୍ତି। ସେ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ତଥା ଏସ୍‌ପି-ବିଏସ୍‌ପି-ଆର୍‌ଏଲ୍‌ଡି ମେଣ୍ଟ ପ୍ରାର୍ଥୀ କୁଁୱର ନରେନ୍ଦ୍ର ସିଂଙ୍କୁ ୨,୭୮,୬୨୯ ଭୋଟରେ ହରାଇ ଦେଇଛନ୍ତି।

## ହୃଦ୍‌ଘାତରେ କଂଗ୍ରେସ ନେତାଙ୍କ ପରଲୋକ

ଭୋପାଳ,୨୩।୫: ଭୋଟ ଫଳାଫଳକୁ ଦେଖି ମଧ୍ୟପ୍ରଦେଶର ସେହୋର୍ ଜିଲା କଂଗ୍ରେସ ମୁଖ୍ୟ ରତନ୍ ସିଂ ଭୋଟ ଗଣତି କେନ୍ଦ୍ରରେ ହୃଦ୍‌ଘାତରେ ପ୍ରାଣ ହରାଇଛନ୍ତି। ଗତବର୍ଷ



ବିଧାନସଭା ନିର୍ବାଚନରେ କଂଗ୍ରେସ ବିଜୟୀ ହୋଇ ସରକାର ଗଠନ କରିଥିବାବେଳେ ଚଳିତ ଲୋକ ସଭା ନିର୍ବାଚନରେ ଭାଜପାକୁ ବିପୁଳ ସଫଳତା ମିଳିଛି।

## ବିହାରରେ ମେଣ୍ଟ ନେତାଙ୍କ ପରାଜୟ

ପାଟନା,୨୩।୫

ବିହାରରେ ମୋଦି ଲହର ପ୍ରଭାବରେ ବିରୋଧୀ ମେଣ୍ଟ ସହଯୋଗୀ ନେତାମାନେ ଚିତ୍‌ପଟାଙ୍ଗ ମାରିଛନ୍ତି। ଆରଜେଡି ନେତୃତ୍ୱାଧୀନ ମେଣ୍ଟର ୩ ସହଯୋଗୀ ଆରଏଲ୍‌ଏସ୍‌ପି ନେତା ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଉପେନ୍ଦ୍ର କୁଶୱାହା, ହିନ୍ଦୁସ୍ତାନୀ ଆୱାମ ମୋର୍ଚ୍ଚା (ଏଚ୍‌ଏଏମ୍) ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଜିତନ ରାମ ମାନ୍‌ଝୀ ଏବଂ ବିକାଶ ଇନ୍‌ସାନ ପାର୍ଟି (ଭିଆଇପି)ର ମୁଖ୍ୟ ମୁକେଶ ଶାହନି ପରାଜିତ ହୋଇଛନ୍ତି। କୁଶୱାହା ଉଜିୟାରପୁର ଏବଂ କାରାକଟ ଦୁଇଟି ଆସନରୁ ଲଢ଼ି ହାରିଯାଇଛନ୍ତି। ଜିତନ ରାମ ଗୟା ଆସନରୁ ଓ ଶାହନି ଖଗରିଆ ଆସନରୁ ଏଲ୍‌ଜେପିର ଏମ୍‌ପି ଥିବା ମହବୁବ୍ ଅଲି କୈଜରଙ୍କଠାରୁ ହାରିଛନ୍ତି।



ବେଙ୍ଗାଲୁରୁରେ ଭାଜପା କର୍ମୀମାନେ ବିଜୟ ଉତ୍ସବରେ ମସଗୁଲ।

## ■ ଅନ୍ତର୍ଜାତୀୟ ଗଣମାଧ୍ୟମର ପ୍ରତିକ୍ରିୟା

## ମୋଦି ହିନ୍ଦୁ ରାଷ୍ଟ୍ରବାଦ ରାଜନୀତିର ବ୍ରାଣ୍ଡ

ନୂଆଦିଲ୍ଲୀ,୨୩-୫

ସାଧାରଣ ନିର୍ବାଚନରେ ଏନ୍‌ଡିଏର ବିପୁଳ ବିଜୟ ପରେ ବିଦେଶୀ ମିଡିଆ ନିଜର ପ୍ରତିକ୍ରିୟା ଦେଇଛନ୍ତି। ଆମେରିକାର 'ଦ ନ୍ୟୁୟର୍କ ଟାଇମ୍ସ' ଲେଖିଛି ଯେ, ମୋଦି ହିନ୍ଦୁ ରାଷ୍ଟ୍ରବାଦ ରାଜନୀତିର ବ୍ରାଣ୍ଡ ଭାବେ ଉଭା ହୋଇଛନ୍ତି। ଗତକିଛି ମାସ ପୂର୍ବେ ଭାରତର ପ୍ରଧାନମନ୍ତ୍ରୀ ଆର୍ଥିକ କ୍ଷେତ୍ରରେ ଯେଭଳି ସଂଘର୍ଷ କରୁଥିଲେ,ସେତେବେଳେ ବିଶ୍ଲେଷକମାନେ ଯେଉଁ ଫଳାଫଳ ଭାବିଥିଲେ ଏହି ବିଜୟ ତାହାଠାରୁ ଅଧିକ ପ୍ରଭାବଶାଳୀ ହୋଇଛି। ହିନ୍ଦୁ ରାଷ୍ଟ୍ରବାଦର ବ୍ରାଣ୍ଡ ହୋଇସାରିଥିବା ମୋଦି ସାରା ଦୁନିଆରେ ଭାରତର ଯେଉଁ ଛବି ଉପସ୍ଥାପନ କରିବାକୁ ଚେଷ୍ଟା କରିଛନ୍ତି, ତାହା ଦେଶର ୯୧ କୋଟି ମତଦାତାଙ୍କୁ ପ୍ରଭାବିତ କରିଛି। ଆର୍ଥିକ ଦୃଷ୍ଟିରୁ ଦେଖିଲେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକାଳକୁ ପ୍ରଭାବଶାଳୀ ବୋଲି ମନେକରାଯାଉଛି। ସେ ଟିକସ ବ୍ୟବସ୍ଥାକୁ ସରଳ କରିବା ସହ ଦୁର୍ନୀତି



ଉପରେ ଲଗାମ ଲଗାଇଛନ୍ତି। ଏସିଆରେ ଭାରତର ଷ୍ଟକ୍ ମାର୍କେଟ ଏକ ସମ୍ଭାବନା ସୃଷ୍ଟି କରିଛି। ଅନ୍ୟପକ୍ଷରେ ଆମେରିକା ସହ ବାଣିଜ୍ୟ ଯୁଦ୍ଧ କାରଣରୁ ଚାଇନାର ଷ୍ଟକ୍ ବଜାର କ୍ଷତି ସହିଚାଲିଛି।

ବ୍ରିଟିଶ ଖବରକାଗଜ ' ଦ ଗାର୍ଡିୟାନ' ଲେଖିଛି ଯେ, ମୋଦିଙ୍କ ଭାଜପା ପୁଣିଥରେ କମାଲ କରିଛି। ଏକ୍‌ଜିଟ୍ ପୋଲ୍‌ରେ ପ୍ରକାଶିତ ଫଳାଫଳ ସତ ପରିଣତ ହୋଇଛି। ଭାଜପା ପୁଣିଥରେ କ୍ଷମତାକୁ ଫେରୁଛି। ସେମାନଙ୍କୁ ରୋକିବା ଲାଗି ସବୁପ୍ରକାର ଉଦ୍ୟମ ବିଫଳ ହୋଇଛି। କିନ୍ତୁ ଜନତା ଏହି ଶୀର୍ଷ ନେତା ଓ ତାଙ୍କ ପାର୍ଟି ପ୍ରତି ଭରସା ଦେଖାଇଛନ୍ତି।

ଅପରପକ୍ଷରେ ବିବିସି ୱାର୍ଲ୍ଡ କହିଛି ଯେ, ଲୋକ ସଭା ନିର୍ବାଚନରେ ମୋଦିଙ୍କର ଐତିହାସିକ ବିଜୟ ହୋଇଛି। ଫଳାଫଳ ପ୍ରକାଶ ପାଇବା ଆରମ୍ଭ ହେବା ମାତ୍ରେ ଷ୍ଟକ୍ ମାର୍କେଟ ବୃଦ୍ଧିହୋଇଥିବା ଦେଖାଯାଇଛି। ଦେଶକୁ ବାଣ୍ଟିବା ଲାଗି ପ୍ରଧାନମନ୍ତ୍ରୀ ଉଦ୍ୟମ କରୁଛନ୍ତି ବୋଲି ଅଭିଯୋଗ ହେଉଥିବା ବେଳେ ଫଳାଫଳ ଦର୍ଶାଉଛି ଯେ, ତାଙ୍କ ବିରୋଧରେ ଧ୍ରୁବୀକରଣର ଛବି ତିଆରି ଉଦ୍ୟମକୁ ଲୋକେ ପସନ୍ଦ କରିନାହାନ୍ତି।

ସିଏନ୍‌ଏନ୍ ଲେଖିଛି ଯେ, ଗତ ନିର୍ବାଚନରେ ପ୍ରଧାନମନ୍ତ୍ରୀ ମୋଦି 'ସବ୍‌କା ସାଥ୍-ସବ୍‌କା ବିକାଶ' ସ୍ଲୋଗାନ ଦେଇଥିଲେ। ଏଥିରେ ସେ ନିଜକୁ ଚୌକିଦାର କହିଛନ୍ତି। ଅର୍ଥାତ୍ ସେ ନିଜକୁ ଦେଶର ରକ୍ଷାକର୍ତ୍ତା ଭାବେ ଦର୍ଶାଇଛନ୍ତି। ଏହା ବିଶେଷଭାବେ ଏକ ସ୍ୱତନ୍ତ୍ର ବାର୍ତ୍ତା କୁହାଯାଇପାରେ। ଅର୍ଥନୀତି ପାଇଁ ତାଙ୍କର କାମ ଯୋଗୁ ସାରା ବିଶ୍ୱ ତାଙ୍କୁ ଗମ୍ଭୀରତାର ସହ ନେଉଛି।

ଅପରପକ୍ଷରେ ପାକିସ୍ତାନ ଟିଭି ଚ୍ୟାନେଲ ଜିଓ ଟିଭି ନିଜର ୱେବ୍‌ସାଇଟ୍‌ରେ ଲେଖିଛି ଯେ, ୩ ରାଜ୍ୟରେ ପରାଜୟ, ମୁଦ୍ରାସ୍ଫୀତି, ବେକାରି ଆଦି ସମସ୍ୟା ଯୋଗୁ ମୋଦି ଚାପରେ ଥିଲେ। ତେବେ ପୁଲୱାମା ଆକ୍ରମଣ ପରେ ସର୍ଜିକାଲ ଷ୍ଟ୍ରାଇକ୍ ପରେ ଭାଜପାକୁ ଫାଇଦା ମିଳିଥିଲା। ଦଳ ଷ୍ଟାର୍ କାମ୍ପେନର ମୋଦିଙ୍କ କ୍ଷମତା ଓ ଦକ୍ଷତାର ଫାଇଦା ଉଠାଇଥିଲା। ପାକିସ୍ତାନର ଖବର କାଗଜ ଡନ୍ ପକ୍ଷରୁ ଲେଖାଯାଇଛି ଯେ, ମୋଦି ୨.୦ ଯୋଗୁ ଭାରତର ପାକିସ୍ତାନ ନୀତିରେ କୌଣସି ପରିବର୍ତ୍ତନ ହେବ ନାହିଁ। ଦୁଇ ଦେଶ ମଧ୍ୟରେ ଥିବା ଉତ୍ତେଜନା କମିବ ନାହିଁ। ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନଙ୍କ ଶାନ୍ତି ପ୍ରସ୍ତାବକୁ ମୋଦି ଗୁରୁତ୍ୱ ଦେବେ କି, ଏହା ହିଁ ଏବେର ପ୍ରଶ୍ନ ହୋଇଛି।



ଭୁଲ୍ କରିବାଟା ମନୁଷ୍ୟର ପ୍ରକୃତି, ତେଣୁ ସେ କ୍ଷମା ପାଇପାରିବ ।

- ଯୋସେଫ୍ ଆଡିଶନ



## ସଂକ୍ଷେପରେ

### ୭ମ ଥର ପାଇଁ ଜିତିଲେ ରଣେନ୍ଦ୍ର

**ଆଠଗଡ଼,୨୩।୫(ସ୍ୱ.ପ୍ର.):** ଆଠଗଡ଼ ବିଜେଡି ବିଧାୟକ ପ୍ରାର୍ଥୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ୭ମ ଥର ପାଇଁ ବିଧାୟକ ପଦରେ ବିଜୟ ମୁକୁଟ ପିନ୍ଧିଛନ୍ତି। ସେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପାର ବ୍ରଜେନ୍ଦ୍ର କୁମାର ରାୟଙ୍କଠାରୁ ପ୍ରାୟ ୬୦ ହଜାର ଭୋଟରେ ଆଗରେ ଅଛନ୍ତି। ଗୁରୁବାର ଗୋପବନ୍ଧୁ ବିଜ୍ଞାନ କଲେଜ ପରିସରରେ ଆଠଗଡ଼ (୮୯) ଓ ବଡମ୍ବା (୮୭) ନିର୍ବାଚନମଣ୍ଡଳୀର ଭୋଟ ଗଣତି ୨ଟି ହଲରେ ସକାଳ ୮ଟାରେ ଆରମ୍ଭ ହୋଇଥିଲା। ତେବେ ଆଠଗଡ଼ ନିର୍ବାଚନମଣ୍ଡଳୀର ଭୋଟ ଗଣତି କକ୍ଷରେ ପ୍ରାର୍ଥୀଙ୍କ ଗଣତି ଏଜେଣ୍ଟଙ୍କ ପାଇଁ ବସିବା ଲାଗି ସ୍ଥାନର ଅଭାବକୁ ନେଇ ଅସନ୍ତୋଷ ପ୍ରକାଶ ପାଇଥିଲା। ଏଥି ଯୋଗୁ ଭୋଟ ଗଣତି କିଛି ସମୟ ବିଳମ୍ବ ହୋଇଥିଲା। ସେହିପରି ଆଠଗଡ଼ ନିର୍ବାଚନମଣ୍ଡଳୀରେ ବିଜେଡି ଲୋକସଭା ପ୍ରାର୍ଥୀ ଭର୍ତ୍ତୃହରି ମହତାବ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପାର ପ୍ରକାଶ ମିଶ୍ରଙ୍କଠାରୁ ୨୪ ରାଉଣ୍ଡ ସୁଦ୍ଧା ୧୬୯୨୩ ଭୋଟରେ ଆଗୁଆ ଥିବା ଜଣାପଡିଛି। ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଆଠଗଡ଼ ସହର, ଗ୍ରାମାଞ୍ଚଳ ଓ ଡିଗିରିଆ ଅଞ୍ଚଳରେ ରଣେନ୍ଦ୍ରଙ୍କ ସମର୍ଥକ ଆତସବାଜି ଫୁଟାଇଥିଲେ।

# ହାରିଲେ ସଞ୍ଜୀୟ, ଖାତା ଖୋଲିପାରିଲାନି କଂଗ୍ରେସ

## ବିଜେଡି କବ୍‌ଜାରେ ୪ ଆସନ, ଭାଜପାକୁ ୨

**ପୁରୀ ଅଫିସ,୨୩।୫**

ପୁରୀ ଜିଲାର ୬ଟି ନିର୍ବାଚନମଣ୍ଡଳୀ ମଧ୍ୟରୁ ବିଜେଡି ୪ଟିରେ ବିଜୟୀ ହୋଇଥିବାବେଳେ ୨ଟିରେ ଭାଜପା ଜିତିଛି। ପିପିଲି, ସତ୍ୟବାଦୀ, ନିମାପଡ଼ା ଏବଂ କାକଟପୁରରେ ବିଜେଡି ପ୍ରାର୍ଥୀ

**ପୁରୀ ଜିଲା**

ଜିତିଥିବାବେଳେ ପୁରୀ ଓ ବ୍ରହ୍ମଗିରିରେ ଭାଜପା ବିଜୟୀ ହୋଇଛି। ବ୍ରହ୍ମଗିରିରେ ଭାଜପା ପ୍ରଥମ ଥର ପାଇଁ ଖାତା ଖୋଲିଛି। ଅନ୍ୟପକ୍ଷରେ ଗତ ନିର୍ବାଚନ ଭଳି ଏଥର ମଧ୍ୟ ଜିଲାରେ କଂଗ୍ରେସ ଖାତା ଖୋଲିପାରିନାହିଁ।

ଜଗତ୍‌ସିଂହପୁର ଲୋକ ସଭା ଅଧୀନ ପୁରୀ ଜିଲାର ୨ଟି ନିର୍ବାଚନମଣ୍ଡଳୀ କାକଟପୁର ଏବଂ ନିମାପଡ଼ାରେ ବିଜେଡି ଏକତରଫା ଭଳି ଜିତିଥିବାବେଳେ ପିପିଲି ଏବଂ ସତ୍ୟବାଦୀରେ କଡ଼ା ମୁକାବିଲାର ସମ୍ମୁଖୀନ ହୋଇଛି। କାକଟପୁରର ବିଜେଡି ପ୍ରାର୍ଥୀ ତୁଷାରକାନ୍ତି ବେହେରା



ଭୋଟ ଫଳାଫଳ ଶୁଣିବାକୁ ଗଣତି କେନ୍ଦ୍ର ଆଗରେ ଲୋକଙ୍କ ଭିଡ଼।

ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ କଂଗ୍ରେସର ବିଶ୍ୱଭୂଷଣ ଦାସଙ୍କୁ ହରାଇଛନ୍ତି। ଏଠାରେ ଭାଜପା ପ୍ରାର୍ଥୀ ରବି ମଲ୍ଲିକ ତୃତୀୟ ସ୍ଥାନରେ ରହିଛନ୍ତି। ସେହିପରି ନିମାପଡ଼ା ନିର୍ବାଚନମଣ୍ଡଳୀରେ ବିଜେଡି ପ୍ରାର୍ଥୀ ସମୀର ରଞ୍ଜନ ଦାଶ ଭାଜପାର ପ୍ରଭାତୀ ପରିଡ଼ାଙ୍କୁ ପରାସ୍ତ କରିଛନ୍ତି। ଏଠାରେ କଂଗ୍ରେସ ପ୍ରାର୍ଥୀ ଦିଲୀପ ନାୟକ ତୃତୀୟ ସ୍ଥାନରେ ରହିଛନ୍ତି। ପିପିଲିରେ ଲଗାତର ପଞ୍ଚମ ଥର ଲାଗି ବିଜୟୀ ହୋଇଛନ୍ତି ପ୍ରଦୀପ ମହାରଥୀ। ମହାରଥୀ ଭାଜପା ପ୍ରାର୍ଥୀ ଆଶ୍ରିତ ପଟ୍ଟନାୟକଙ୍କୁ ପରାସ୍ତ କରିଛନ୍ତି। ସତ୍ୟବାଦୀରେ ପ୍ରଥମ ଥର ଲାଗି ଖାତା ଖୋଲିଛି ବିଜେଡି । ବିଜେଡି ପ୍ରତିଷ୍ଠା ପରଠାରୁ ଏଠାରେ କେବେହେଲେ ଜିତିପାରି ନ ଥିଲା। ସବୁବେଳେ ଦଳୀୟ ଅର୍ନ୍ତଘାତୀ ଯୋଗୁ ବିଜେଡି ହାରୁଥିବା ଫଳାଫଳ ପରେ ଚର୍ଚ୍ଚା ହେଉଥିଲା। ହେଲେ ଏଥର ବଦଳିଛି ଇତିହାସ। ବିଜେଡି ପ୍ରାର୍ଥୀ ଉମାକାନ୍ତ ସାମନ୍ତରାୟ ଭାଜପା ପ୍ରାର୍ଥୀ ଓମ୍‌ପ୍ରକାଶ ମିଶ୍ରଙ୍କୁ ହରାଇଛନ୍ତି। ଏଠାରୁ କଂଗ୍ରେସ ପ୍ରାର୍ଥୀ ହୋଇଥିବା ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନଙ୍କୁ ତୃତୀୟ ସ୍ଥାନରେ ସନ୍ତୁଷ୍ଟ ହେବାକୁ ପଡ଼ିଛି । ତେବେ ବ୍ରହ୍ମଗିରିରେ ବିଜେଡିକୁ ବଡ଼ ଝଟ୍‌କା ଲାଗିଛି। ଏଠାରେ ସଞ୍ଜୟ ଦାସବର୍ମା ହାରିଯାଇଛନ୍ତି। ତାଙ୍କୁ ଭାଜପାର ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର ପରାସ୍ତ କରିଛନ୍ତି।

ପୁରୀ ନିର୍ବାଚନମଣ୍ଡଳୀର ୩ଟି ଇଭିଏମ୍ ଖରାପ ଯୋଗୁ ଏହାର ଭିଭିପିଏଟି ଗଣତି କରାଯାଇଥିଲା। ବାଲଟ୍ ପେପର ଗଣତି ଯୋଗୁ ଫଳାଫଳ ବିଳମ୍ବ ହୋଇଥିଲା। ଶେଷ ଖବର ସୁଦ୍ଧା ଭାଜପାର ଜୟନ୍ତ ଷଡ଼ଙ୍ଗୀ ବିଜେଡି ପ୍ରାର୍ଥୀ ମହେଶ୍ୱର ମହାନ୍ତିଙ୍କୁ ପରାସ୍ତ କରିଥିବା ସୂଚନା ମିଳିଛି। ତେବେ ଏ ନେଇ ସରକାରୀ ଭାବେ ଘୋଷଣା କରାଯାଇନାହିଁ।

# ସମୀରଙ୍କ ହାଟ୍ରିକ୍ ବିଜୟ

## ବାଣ ଫୁଟାଇ, ମିଠା ବାଣ୍ଟି ଖୁସି ମନାଇଲେ କର୍ମୀ

**ନିମାପଡ଼ା,୨୩।୫(ଡି.ଏନ୍.ଏ.)**

ଜଗତ୍‌ସିଂହପୁର ଲୋକ ସଭା ଆସନ ଅନ୍ତର୍ଗତ ନିମାପଡ଼ା ବିଧାନସଭା ଆସନରୁ ବିଜେଡି ପ୍ରାର୍ଥୀ ସମୀର ରଞ୍ଜନ ଦାଶ ବିଜୟୀ ହୋଇଛନ୍ତି। ସେ ୨୦୦୯, ୨୦୧୪, ୨୦୧୯ସାଧାରଣ ନିର୍ବାଚନରେ ଲଗାତର ୩ୟ ଥର ବିଜୟୀ ହୋଇଛନ୍ତି। ଦାଶ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପା ପ୍ରାର୍ଥୀ ପ୍ରଭାତୀ ପରିଡାଙ୍କୁ ପରାସ୍ତ କରି ବିଜୟ ହାସଲ କରିଛନ୍ତି। ଦାଶ ତୃତୀୟ ଥର ପାଇଁ ବିଜୟୀ ହୋଇଥିବାରୁ ନିମାପଡ଼ା ନିର୍ବାଚନମଣ୍ଡଳୀର ହଜାର ହଜାର ବିଜେଡି କର୍ମୀ ବାଣ ଫୁଟାଇବା ସହ ମିଠା ବାଣ୍ଟି ଖୁସି ମନାଇଛନ୍ତି। ଏହି ବିଜୟ ପାଇଁ ଦାଶ ନିର୍ବାଚନମଣ୍ଡଳୀର ସମସ୍ତ ଭୋଟରଙ୍କୁ କୃତଜ୍ଞତା ଓ ସାଧୁବାଦ ଜଣାଇଛନ୍ତି। ଏହା ସହ ନିମାପଡ଼ାରେ ସତ୍ୟ, ଧର୍ମ ଓ ନ୍ୟାୟର ଜୟ ହୋଇଛି ବୋଲି ସେ କହିଛନ୍ତି। ଏହି ନିର୍ବାଚନମଣ୍ଡଳୀର ସଚେତନ ଭୋଟର ଉପଯୁକ୍ତ ଦଳ ଓ ପ୍ରାର୍ଥୀ ଦେଖି ମତସାବ୍ୟସ୍ତ କରିଥିବା ବିଜେଡି ନେତା ପ୍ରଦୀପ୍ତ ଖଟୋଇ, ସତ୍ୟବାଦୀ ମହାପାତ୍ର, ଅଶୋକ ସାହୁ, ସୁଧିରଞ୍ଜନ ଦାଶ, ଜୀବନାନନ୍ଦ ମହାପାତ୍ର, ସନ୍ତୋଷ ଓଝା, ଅକ୍ଷୟ ବେହେରା, ପ୍ରଭାକର ନାୟକ ପ୍ରମୁଖ କହିଛନ୍ତି।

# ପ୍ରତାପଙ୍କ ବିଜୟ ପରେ କର୍ମୀ ମହଲରେ ଆନନ୍ଦ

**ମାହାଙ୍ଗା,୨୩।୫(ସ୍ୱ.ପ୍ର.)**

ମାହାଙ୍ଗା ନିର୍ବାଚନମଣ୍ଡଳୀରେ ପ୍ରତାପ ଜେନାଙ୍କ ବିଜୟ ପରେ କର୍ମୀଙ୍କ ମହଲରେ ଆନନ୍ଦର ଲହରି ଖେଳିଯାଇଛି। ନିର୍ବାଚନ ଗତ ଏପ୍ରିଲ ୨୯ରେ ଶେଷ ହୋଇଥିବାବେଳେ ସମସ୍ତେ ଫଳାଫଳକୁ ଅପେକ୍ଷା କରିଥିଲେ। ଗୁରୁବାର ଫଳାଫଳ ପ୍ରକାଶ ପାଇବାକୁ ଥିବାବେଳେ କର୍ମୀ ଓ ଶୁଭେଚ୍ଛୁ ବିଭିନ୍ନ ମନ୍ଦିରରେ ପୂଜାର୍ଚ୍ଚନା କରିଥିବା ଦେଖିବାକୁ ମିଳିଥିଲା। ନିର୍ବାଚନ ଗଣତି ଆରମ୍ଭରୁ ହିଁ ଜେନା ନିଜ ପ୍ରତିଦ୍ୱନ୍ଦ୍ୱୀଙ୍କଠାରୁ ଅଧିକ ଭୋଟ ବ୍ୟବଧାନରେ ପର୍ଯ୍ୟାୟ କ୍ରମେ ଆଗେଇ ଚାଲିଥିଲେ। ଏହି ବିଜୟ ପରେ ପ୍ରତାପ ମାହାଙ୍ଗାରେ ତୃତୀୟ ଥର ପାଇଁ ବିଜୟୀ ହୋଇଛନ୍ତି। ବିଭିନ୍ନ ପଞ୍ଚାୟତର କର୍ମୀମାନେ ବିଜୟ ଉତ୍ସବ ପାଳିଛନ୍ତି।

# ଭାଜପା ଗଡ଼ ଦଖଲ କଲା ବିଜେଡି

**ଖୋର୍ଦ୍ଧା ଅଫିସ,୨୩।୫**

ଖୋର୍ଦ୍ଧା ଜିଲା ଚିଲିକା ବିଧାନସଭା ନିର୍ବାଚନମଣ୍ଡଳୀରେ ଭାଜପା ଗଡକୁ ବିଜେଡି ଦଖଲ କରି ବିଜୟ ପତାକା ଉଡାଇଛି। ଏଠାରେ ବିଜେଡିର ପ୍ରଶାନ୍ତ ଜଗଦ୍ଦେବ ଭାଜପା ପ୍ରାର୍ଥୀ ପୃଥ୍ୱୀରାଜ ହରିଚନ୍ଦନଙ୍କୁ ହରାଇ ବିଜୟୀ ହୋଇଛନ୍ତି। ଚିଲିକାରେ ପୂର୍ବତନ ବିଧାୟକ ରଘୁନାଥ ସାହୁ ପ୍ରାର୍ଥୀ ହେବାକୁ କ୍ଷେତ୍ର ପ୍ରସ୍ତୁତ କରିଥିଲେ। ହେଲେ ତାଙ୍କୁ ଟିକେଟ ମିଳି ନ ଥିଲା। ବେଗୁନିଆର ବିଧାୟକ ପ୍ରଶାନ୍ତ ଜଗଦ୍ଦେବଙ୍କୁ ଏଠାରେ ଟିକେଟ ମିଳିଥିଲା। ପ୍ରଶାନ୍ତ ସ୍ୱଳ୍ପ ଦିନରେ ଭଲ ସଙ୍ଗଠନ କରି ନେଇଥିଲେ। ଏପରି କି ରଘୁଙ୍କୁ ସାଙ୍ଗରେ ନେଇ ପ୍ରଚାରକୁ ତ୍ୱରାନ୍ୱିତ କରିଥିଲେ। ଅନ୍ୟପକ୍ଷେ ଏଠାର ଭାଜପାର ବିଧାୟକ ବିଭୂତି ଭୂଷଣ ହରିଚନ୍ଦନ ଅସୁସ୍ଥତା ଦେଖାଇ ପ୍ରାର୍ଥୀ ହୋଇ ନଥିଲେ।

### ଇତିହାସ ରଚିଲେ ସୁର

ଜଟଣୀ ନିର୍ବାଚନମଣ୍ଡଳୀକୁ ଦଖଲ କରିଛି କଂଗ୍ରେସ। ୨୦୧୪ ନିର୍ବାଚନରେ ସୁରେଶ ଚନ୍ଦ୍ର ରାଉତରାୟ (ସୁର) ପରାଜୟ ବରଣ କରିଥିଲେ ହେଁ ୨୦୧୯ରେ କମବ୍ୟାକ୍ ହୋଇଛି। କେନ୍ଦ୍ର ଓ ରାଜ୍ୟରେ କଂଗ୍ରେସର ସ୍ଥିତି ଭଲ ନ ଥିବାବେଳେ ସୁର ବିଜୟୀ ହୋଇ କଂଗ୍ରେସର ଟେକ ରଖିଛି। ୨୦୧୪ ନିର୍ବାଚନରେ ଖୋର୍ଦ୍ଧା ଜିଲାରେ କଂଗ୍ରେସ ଧରାଶାୟୀ ହୋଇଥିଲା। ଏବେ ଭାଜପା ଧରାଶାୟୀ ହୋଇଛି। ଜଟଣୀରେ ବିଜେଡି ଦଳରେ ଠିକ୍ ପ୍ରାର୍ଥୀ ଚୟନ ହୋଇ ନ ଥିବାରୁ ଭୋଟର ଅସନ୍ତୋଷ ବ୍ୟକ୍ତ କରି ବିରୋଧୀଙ୍କୁ ଚୟନ କରିଥିବା କୁହାଯାଉଛି। ଏଠାରେ ବିଜେଡିର ଜିଲାସଭାପତି ବିଭୂତି ଭୂଷଣ ବଳବନ୍ତରାୟ ପ୍ରାର୍ଥୀ ହୋଇ ପରାଜୟ ବରଣ କରିଛନ୍ତି।

### ପ୍ରାର୍ଥୀ ବଦଳାଇ ବାଜି ମାରିଲା ବିଜେଡି

ଖୋର୍ଦ୍ଧା ଜିଲାର ବେଗୁନିଆ, ଖୋର୍ଦ୍ଧା ଓ ଚିଲିକା ବିଧାନସଭା ନିର୍ବାଚନମଣ୍ଡଳୀରେ ବିଜେଡି ପ୍ରାର୍ଥୀ ବଦଳାଇ ବାଜି ମାରି ନେଇଛି। ଫଳତଃ ବେଗୁନିଆ, ଖୋର୍ଦ୍ଧା ଓ ଚିଲିକା ନିର୍ବାଚନମଣ୍ଡଳୀରେ ବିଜେଡି ବିଜୟୀ ହେବାରେ ସୁଗମ ହୋଇଛି। ଖୋର୍ଦ୍ଧା ବିଧାୟକ ରାଜେନ୍ଦ୍ର କୁମାର ସାହୁଙ୍କୁ ବେଗୁନିଆ ନିର୍ବାଚନ ମଣ୍ଡଳୀରେ ପ୍ରାର୍ଥୀ କରାଗଲା। ବେଗୁନିଆ ବିଧାୟକ ପ୍ରଶାନ୍ତ କୁମାର ଜଗଦ୍ଦେବଙ୍କୁ ଚିଲିକା ବିଧାନସଭା ନିର୍ବାଚନମଣ୍ଡଳୀରେ ପ୍ରାର୍ଥି କରାଗଲା। ଭାଜପା ନେତା ଜ୍ୟୋତିରୀନ୍ଦ୍ର ନାଥ ମିତ୍ରଙ୍କୁ ଘରବାହୁଡା କରାଯାଇ ବିଜେଡିରୁ ପ୍ରାର୍ଥୀ କରାଗଲା। ଏହି ୩ ଆସନରେ ଯଦି ପ୍ରାର୍ଥୀ ଅଦଳବଦଳ ହୋଇ ନଥାନ୍ତା କର୍ମୀ ଓ ସମର୍ଥକଙ୍କ ସହଯୋଗ ନପାଇ ପ୍ରାର୍ଥୀମାନେ ହାରିଥାନ୍ତେ ବୋଲି ଚର୍ଚ୍ଚା ହେଉଛି।

### ୧୬ ଇଭିଏମ୍ ଖରାପ

ବେଗୁନିଆ ନିର୍ବାଚନମଣ୍ଡଳୀର ୧୬ଟି ଇଭିଏମ୍ ଅଚଳ ହୋଇପଡିଥିଲା। ପ୍ରାରମ୍ଭରେ ୩ଟି ମେଶିନ ଅଚଳ ଭୋଟ ଗଣତିରେ ବାଧା ସୃଷ୍ଟି କରିଥିଲା। ଶେଷ ପର୍ଯ୍ୟାୟରେ ୧୬ଟି ଅଚଳ ଫାଇନାଲ ରେଜଲ୍ଟରେ ବାଧକ ହୋଇଥିଲା। ଶେଷ ରିପୋର୍ଟ ସୁଦ୍ଧା ୭ଟି ମେଶିନ ଅଚଳ ରହିଛି।

### ଖବରଦାତାଙ୍କୁ ଅଣଦେଖା

ଖୋର୍ଦ୍ଧାର ଷ୍ଟ୍ରଙ୍ଗରୁମ୍ ପରିସରରେ ଖବରଦାତାଙ୍କୁ ସଠିକ୍ ଭାବେ ନିର୍ବାଚନୀ ରିପୋର୍ଟ ମିଳିନଥିଲା। ଏପରିକି ଭୋଟଗଣନ କେନ୍ଦ୍ରକୁ ଖବରଦାତାଙ୍କୁ ଦେଖାଇବାର ସୁଯୋଗ ଦିଆ ଯାଇ ନଥିଲା। କେବଳ ଖାଦ୍ୟରେ ଅବହେଳା କରାଯାଇ ନ ଥିଲା। କର୍ମଚାରୀମାନେ ନିଜ କର୍ତ୍ତବ୍ୟ ଛାଡି ଖବରଦାତାଙ୍କ ସିଟ୍‌ରେ ବସି ମଜା ନେଉଥିବାର ଦେଖିବାକୁ ମିଳିଥିଲା।

### ଭୋଟ ଗଣତି ଶେଷ ହେଉନି

ଖୋର୍ଦ୍ଧାର ଷ୍ଟ୍ରଙ୍ଗରୁମ୍‌ରେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଭୋଟ ଗଣତି ଚାଲୁ ରହିଛି। ତେବେ ଚିଲିକା ନିର୍ବାଚନମଣ୍ଡଳୀରେ ୨୫ ରାଉଣ୍ଡ ସୁଦ୍ଧା ବିଜେଡି ପ୍ରାର୍ଥୀ ପ୍ରଶାନ୍ତ କୁମାର ଜଗଦ୍ଦେବ ୭୭, ୯୭୦, ଭାଜପା ପ୍ରାର୍ଥୀ ପୃଥ୍ୱୀରାଜ ହରିଚନ୍ଦନ ୬୭, ୦୭୯ ଓ କଂଗ୍ରେସ ପ୍ରାର୍ଥୀ ପ୍ରଦୀପ କୁମାର ସ୍ୱାଇଁ ୪ ହଜାର ୭୮୨ ଭୋଟ ପାଇଛନ୍ତି। ସେହିଭଳି ବେଗୁନିଆ ନିର୍ବାଚନମଣ୍ଡଳୀରେ ୨୪ ରାଉଣ୍ଡ ସୁଦ୍ଧା ବିଜେଡି ପ୍ରାର୍ଥୀ ରାଜେନ୍ଦ୍ର କୁମାର ସାହୁ ୬୯ ହଜାର ୪୮୯, କଂଗ୍ରେସ ପ୍ରାର୍ଥୀ ପ୍ରଦୀପ କୁମାର ସାହୁ ୫୦ ହଜାର ୪୯୪, ଭାଜପା ପ୍ରାର୍ଥୀ ରିଷଭ ନନ୍ଦ ୨୫ ହଜାର ୨୪୪ ଭୋଟ ପାଇଛନ୍ତି। ଅନ୍ୟପକ୍ଷେ ଖୋର୍ଦ୍ଧା ନିର୍ବାଚନମଣ୍ଡଳୀରେ ୨୬ ରାଉଣ୍ଡ ସୁଦ୍ଧା ବିଜେଡି ପ୍ରାର୍ଥୀ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ୮୩ ହଜାର ୪୮, ଭାଜପା ପ୍ରାର୍ଥୀ କାଳୁ ଚରଣ ଖଣ୍ଡେଇତରାୟ ୭୨ ହଜାର ୬୩୧, କଂଗ୍ରେସ ପ୍ରାର୍ଥୀ ସ୍ୱାଗତିକା ପଟ୍ଟନାୟକ ୪ ହଜାର ୨୦୧ ଭୋଟ ପାଇଛନ୍ତି।

# ୨୦ଦିନ ପରେ ବିଦ୍ୟୁତ୍ ଦେଖିଲେ ଭରାଣ୍ଡି ଗ୍ରାମବାସୀ

**ଚୌଦ୍ୱାର,୨୩।୫(ଡି.ଏନ୍.ଏ.)**

ବହୁ ପ୍ରତୀକ୍ଷା ପରେ ବୁଧବାର ସନ୍ଧ୍ୟାରେ ଟାଙ୍ଗୀ–ଚୌଦ୍ୱାର ବ୍ଲକ୍ ଆଗ୍ରାହାଟ ପଞ୍ଚାୟତର ଭରାଣ୍ଡି ଗ୍ରାମକୁ ବିଦ୍ୟୁତ୍ ସଂଯୋଗ କରାଯାଇଛି। ପ୍ରାୟ ୨୦ଦିନ ପରେ ଗ୍ରାମବାସୀ ବିଦ୍ୟୁତ୍ ଦେଖିବାକୁ ପାଇଲେ। ବାତ୍ୟା'ଫନୀ' ପରେ ଚୌଦ୍ୱାର ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ୪ଦିନ ମଧ୍ୟରେ ବିଦ୍ୟୁତ୍ ସରବରାହ ବ୍ୟବସ୍ଥାକୁ ସ୍ୱାଭାବିକ କରାଯାଇଥିଲେ ମଧ୍ୟ ସହରଠାରୁ ୪କି.ମି. ଦୂରରେ ଥିବା ଭରାଣ୍ଡି ଗ୍ରାମରେ ବିଦ୍ୟୁତ୍ ବ୍ୟବସ୍ଥା ସ୍ୱାଭାବିକ ହୋଇପାରି ନ ଥିଲା। ବାତ୍ୟାରେ ଘର ଭାଙ୍ଗି ଯାଇଥିବାରୁ ଏହି ଗ୍ରାମର ୨୦ଆଦିବାସୀ ପରିବାର ଏବେ ବି ଖୋଲା ଆକାଶ ତଳେ ଜୀବନ ବିତାଉଛନ୍ତି। ବାତ୍ୟାରେ ଗ୍ରାମକୁ ଯାଇଥିବା ସମସ୍ତ ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗି ଯାଇଥିବାରୁ ଗ୍ରାମବାସୀ ଅନ୍ଧାରରେ ରହିଥିଲେ। ଗ୍ରାମବାସୀଙ୍କ ବାରମ୍ବାର ଅନୁରୋଧ ପରେ ସେସୁର ଆସିଷ୍ଟାଣ୍ଟ ଇଞ୍ଜିନିୟର ସନ୍ତୋଷ କୁମାର ମହାପାତ୍ରଙ୍କ ନେତୃତ୍ୱରେ ବିଭାଗୀୟ କର୍ମଚାରୀମାନେ ବୁଧବାର ସନ୍ଧ୍ୟାରେ ଉକ୍ତ ଗ୍ରାମକୁ ବିଦ୍ୟୁତ୍ ସଂଯୋଗ କରିଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି। ସାମାଜିକ କର୍ମୀ ସହଦେବ ବରାଳଙ୍କ ତତ୍ତ୍ୱାବଧାନରେ ଗ୍ରାମର ଯୁବକମାନେ ବିଦ୍ୟୁତ୍ ଖୁଣ୍ଟ ପୋତିବାଠାରୁ ଆରମ୍ଭ କରି ତାରଟଣା ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟରେ ସେସୁ କର୍ମଚାରୀଙ୍କୁ ସହଯୋଗ କରି କାର୍ଯ୍ୟକୁ ତ୍ୱରାନ୍ୱିତ କରିଥିଲେ।

# ରିହାତି ମୂଲ୍ୟରେ ମାଛ ଦେବାକୁ ବ୍ୟବସାୟୀଙ୍କ ଘୋଷଣା

**ମାହାଙ୍ଗା,୨୩।୫(ସ୍ୱ.ପ୍ର.):** ମାହାଙ୍ଗା ନିର୍ବାଚନମଣ୍ଡଳୀରେ ବିଜେଡି ପ୍ରାର୍ଥିଭାବେ ପ୍ରତାପ ଜେନା ତୃତୀୟ ଥର ପାଇଁ ବିଜୟୀ ହୋଇଛନ୍ତି। ଏହାପରେ ଗୁରୁବାର ମାହାଙ୍ଗା ବ୍ଲକ ଚାହାପଡ଼ା ପଞ୍ଚାୟତ ବରଦିଆ ଗ୍ରାମର ମାଛ ବ୍ୟବସାୟୀ ପ୍ରଶାନ୍ତ କୁମାର ସେଠୀ ରିହାତି ମୂଲ୍ୟରେ ମାଛ ଦେବା ପାଇଁ ପ୍ରଚାର କରିଛନ୍ତି। ଏହି ଘଟଣା ମାହାଙ୍ଗାରେ ବେଶ ଚର୍ଚ୍ଚାର ବିଷୟ ହୋଇଛି। ପ୍ରକାଶ ଯେ, ପ୍ରଶାନ୍ତଙ୍କ ଏହି ବ୍ଲକ ଛତ୍ରତୋଟା ବଜାରଠାରେ ଏକ ମାଛ ଦୋକାନ ରହିଛି। ମାହାଙ୍ଗାରେ ବିଜେଡିର ବିପୁଳ ବିଜୟ ହେବାପରେ ସେ ଶୁକ୍ରବାର ରିହାତି ମୂଲ୍ୟରେ ମାଛଦେବେ ବୋଲି ସୂଚନା ଦେଇଛନ୍ତି।



ଫୁଲନଖରା ପୁରୁଣା କାଚରାମାଳ ଗ୍ରାମ ନିକଟ କୁଆଖାଇ ନଦୀର ଚନ୍ଦନଘାଟରେ ଲକ୍ଷେଶ୍ୱର ମହାଦେବ ଚାପ ଖେଳୁଛନ୍ତି।

# ଲକ୍ଷେଶ୍ୱର ମହାଦେବଙ୍କ ଚନ୍ଦନ ଯାତ୍ରା

**ଫୁଲନଖରା,୨୩।୫(ଡି.ଏନ୍.ଏ.)**

କଟକ ସଦର ଥାନା ଅଧୀନ ଫୁଲନଖରା ପୁରୁଣା କାଚରାମାଳ ଗ୍ରାମର ଲକ୍ଷେଶ୍ୱର ମହାଦେବଙ୍କ ଚନ୍ଦନ ଯାତ୍ରା ଗୁରୁବାର ଆରମ୍ଭ ହୋଇଛି। ଅପରାହ୍ନରେ ଲକ୍ଷେଶ୍ୱର ମହାଦେବଙ୍କ ଚଳନ୍ତି ପ୍ରତିମାକୁ ବିମାନରେ ବସାଯାଇ ଶୋଭାଯାତ୍ରାରେ ପୁରୁଣା କାଚରାମାଳ ଗ୍ରାମ ପାର୍ଶ୍ୱରେ ଥିବା କୁଆଖାଇ ନଦୀର ଚନ୍ଦନ ଘାଟକୁ ଅଣାଯାଇଥିଲା। ସେଠାରେ ଲକ୍ଷେଶ୍ୱର ମହାଦେବଙ୍କ ଚଳନ୍ତି ପ୍ରତିମାକୁ ନଦୀ ଘାଟରେ ସ୍ନାନ କରାଯାଇ ସନ୍ଧ୍ୟାରେ ଚାପ ଖେଳ ହୋଇଥିଲା। ଏହା ପରେ ଲକ୍ଷେଶ୍ୱର ମହାଦେବଙ୍କ ଚଳନ୍ତି ପ୍ରତିମାକୁ ଚନ୍ଦନଘାଟ ଭୋଗ ମଣ୍ଡପରେ ବସାଯାଇ ଧୂପ, ଦୀପ, ନୈବେଦ୍ୟ ଅର୍ପଣ କରାଯାଇଥିଲା। ଏହା ପରେ ଚନ୍ଦନ ଘାଟରୁ ଲକ୍ଷେଶ୍ୱରଙ୍କ ବିମାନକୁ ପୁରୁଣା କାଚରାମାଳ ଗ୍ରାମ ପରିକ୍ରମା କରି ନିକଟସ୍ଥ ଚନ୍ଦନ ଯାତ୍ରା ମଣ୍ଡପକୁ ଅଣାଯାଇଥିଲା। ସେଠାରେ ଲକ୍ଷେଶ୍ୱରଙ୍କ ବିମାନକୁ ପ୍ରସ୍ତୁତି ହୋଇଥିବା ମଣ୍ଡପରେ ରଖାଯାଇଥିଲା। ପରମ୍ପରା ଅନୁଯାୟୀ ପହିଲି ଚାପ ଖେଳ ପରେ ପୁରୁଣା କାଚରାମାଳ ଗ୍ରାମର ବ୍ରାହ୍ମଣ ପରିବାରଙ୍କ ପକ୍ଷରୁ ପଙ୍କି ଭୋଗ କରାଯାଇଥିଲା। ଭୋଗ ଶେଷ ହେବା ପରେ ରାତିରେ ଅପେରା ପରିବେଷଣ କରାଯାଇଥିଲା। ରାତିସାରା ଲକ୍ଷେଶ୍ୱର ମହାଦେବଙ୍କ ଚଳନ୍ତି ପ୍ରତିମା ଯାତ୍ରା ପଡ଼ିଆରେ ରହି ଅପେରା ସରିବା ପର୍ଯ୍ୟନ୍ତ ଅପେକ୍ଷା କରିଥିଲେ। ସକାଳେ ବିମାନକୁ ମନ୍ଦିରକୁ ନିଆଯାଇଥିଲା। ଏହିପରି ୫ଦିନ ପର୍ଯ୍ୟନ୍ତ ଲକ୍ଷେଶ୍ୱର ମହାଦେବଙ୍କ ଚଳନ୍ତି ପ୍ରତିମାକୁ ମନ୍ଦିରରୁ ବିମାନ ଅଣାଯାଇ ଚନ୍ଦନ ଘାଟିରେ ଚନ୍ଦନ ଚାପ ଖେଳାଯିବ। ଏହି ଯାତ୍ରାକୁ ଦେଖିବା ପାଇଁ ଶତାଧିକ ଶ୍ରଦ୍ଧାଳୁଙ୍କ ଭିଡ ଲାଗିଥିଲା। ଶାନ୍ତି ଶୃଙ୍ଖଳା ପାଇଁ ସ୍ଥାନୀୟ ଯୁବକ ଓ କଟକ ସଦର ପୋଲିସ ମୁତୟନ ହୋଇଥିଲେ।

# ସର୍ଭେ ପାଇଁ ଅସଜଡ଼ା ପଡ଼ିଛି ବିପନ୍ନଙ୍କ ଘର

**ନିମାପଡ଼ା,୨୩।୫(ଡି.ଏନ୍.ଏ.)**

ବାତ୍ୟା 'ଫନୀ'ରେ ନିମାପଡ଼ା ବ୍ଲକର ୩୨ ପଞ୍ଚାୟତ ଓ ଏନ୍‌ଏସିର ୧୧ୱାର୍ଡରେ ପ୍ରାୟ ଲକ୍ଷାଧିକ ଲୋକଙ୍କ ମାଟି ଓ ଆଜବେଷ୍ଟସ ଘର ଭାଙ୍ଗିଯାଇଛି। ଶତାଧିକ ଲୋକ ଏବେ ବି ବାତ୍ୟା ଆଶ୍ରୟସ୍ଥଳୀ, ବନ୍ଧୁବାନ୍ଧବ ଓ ପଡ଼ୋଶୀଙ୍କ ଘରେ ଆଶ୍ରୟ ନେଇଛନ୍ତି। ବାତ୍ୟାକୁ ୨୧ଦିନ ବିତିଯାଇଥିଲେ ମଧ୍ୟ ବିପନ୍ନ ଲୋକେ ଘର ଭଙ୍ଗା ସର୍ଭେକୁ ଅପେକ୍ଷା କରି ଉଜୁଡିଯାଇଥିବା ଘରକୁ ସଜାଡି ପାରୁନାହାନ୍ତି। ପ୍ରବଳ ଖରା ଯୋଗୁ ନିମାପଡ଼ା ବ୍ଲକ ଓ ଏନ୍‌ଏସି ଅଞ୍ଚଳରେ ସର୍ଭେ କାର୍ଯ୍ୟ ମନ୍ଥର ଗତିରେ ଚାଲିଥିବା ଦେଖାଯାଇଛି। ୩୨ପଞ୍ଚାୟତରେ ସର୍ଭେ ପାଇଁ ୩୪ଟିମ୍ ନିୟୋଜିତ ହୋଇଥିବା ବେଳେ ଏନ୍‌ଏସି ଅଞ୍ଚଳରେ ୨ଟି ଟିମ୍ ନିୟୋଜିତ ହୋଇଛନ୍ତି। ଏହି ଟିମ୍‌ରେ ରାଜସ୍ୱ ନିରୀକ୍ଷକ କିମ୍ବା ଅତିରିକ୍ତ ରାଜସ୍ୱ ନିରୀକ୍ଷକ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ, ଗ୍ରାମ ରୋଜଗାର ସେବକ, ଏନ୍‌ଏସି ଅଞ୍ଚଳରେ ରାଜସ୍ୱ ନିରୀକ୍ଷକଙ୍କ ସହ ଟ୍ୟାକ୍ସ କଲେକ୍ଟର, ଆକାଉଣ୍ଟାଣ୍ଟ, କିରାଣିମାନେ ଏହି ଟିମ୍‌ରେ ସହାୟତା କରୁଛନ୍ତି। ଘରଭଙ୍ଗା ସର୍ଭେ କାର୍ଯ୍ୟ ଗତ ୧୬ତାରିଖରୁ ଆରମ୍ଭ ହୋଇଛି। ବ୍ଲକର ୫୦ପ୍ରତିଶତ ଅଞ୍ଚଳରେ ସର୍ଭେ କାର୍ଯ୍ୟ ସରିଥିବା ବେଳେ ଏନ୍‌ଏସିର ୧ନଂ, ୨ନଂ. ଓ ୧୦ନଂ. ୱାର୍ଡରେ ସର୍ଭେ କାର୍ଯ୍ୟ ଶେଷ ହୋଇଥିବା ନିମାପଡ଼ା ବ୍ଲକରେ ସ୍ୱତନ୍ତ୍ର ରିଲିଫ ଅଫିସର ଦାୟିତ୍ୱରେ ଥିବା କାହ୍ନୁଚରଣ ମଲ୍ଲିକ କହିଛନ୍ତି। ନିମାପଡ଼ା ବ୍ଲକ ଓ ଏନ୍‌ଏସି ଅଞ୍ଚଳରେ ଘରଭଙ୍ଗା ସର୍ଭେ କାର୍ଯ୍ୟ କେବେ ଶେଷ ହେବ ଓ ବିପନ୍ନମାନେ କେବେ ସାହାଯ୍ୟ ପାଇବେ ତାହା ଅନିଶ୍ଚିତତା ଭିତରେ ରହିଛି। ଯୁଦ୍ଧକାଳୀନ ଭିତ୍ତିରେ ସର୍ଭେ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ପଦକ୍ଷେପ ନେବାକୁ ବିପନ୍ନମାନେ ପ୍ରଶାସନ ନିକଟରେ ଦାବି କରିଛନ୍ତି।



ବିଧାନସଭା ଓ ଲୋକ ସଭା ନିର୍ବାଚନରେ ବିଜେଡିର ବିପୁଳ ବିଜୟ ପରେ ନବୀନ ନିବାସ ଆଗରେ କର୍ମୀଙ୍କ ଭିଡ଼।

## ଏଯାଏ ପହଞ୍ଚିନି ବିହନ: ବଢୁଛି ଚାଷୀ ଅସନ୍ତୋଷ

# ଖରିଫ ଧାନଚାଷ ବାଧାପ୍ରାପ୍ତ ଆଶଙ୍କା

**ବେଗୁନିଆ,୨୩।୫(ଡି.ଏନ.ଏ.)**

ଆରମ୍ଭ ହେଲାଣି ଖରିଫ୍ ଋତୁ। ଦିନ କେଇଟା ପରେ ଚାଷୀ ତା'ର ଚାଷ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ସହ ଜମିରେ ବିହନ ବୁଣା କାମ ଆରମ୍ଭ ପାଇଁ ପ୍ରସ୍ତୁତ ହେଲାଣି। ହେଲେ ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ଅଞ୍ଚଳରେ ଏଯାଏ ସରକାରଙ୍କ ପକ୍ଷରୁ ଆବଶ୍ୟକ ପରିମାଣର ଉନ୍ନତ କିସମର ଧାନ ଓ ଧନିଚା ବିହନ ପହଞ୍ଚି ନ ଥିବାରୁ ଆଗାମୀ ଖରିଫ ଧାନ ଚାଷ ବାଧାପ୍ରାପ୍ତ ହେବା ଆଶଙ୍କା ପ୍ରକାଶ ପାଇଛି। ଏ ନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଅକ୍ଷୟ ତୃତୀୟାଠାରୁ ପ୍ରତିବର୍ଷ ସରକାର ଚାଷୀଙ୍କୁ ସବ୍‌ସିଡରେ ଧାନ ବିହନ ଯୋଗାଇଦେବା କଥା। ମାତ୍ର ନିର୍ଦ୍ଧାରିତ ସମୟଠାରୁ ୧୬ ଦିନ ବିତିଯାଇଥିଲେ ମଧ୍ୟ ସମବାୟ ସଂସ୍ଥା ଓ କୃଷି ବିଭାଗ ଚୁପ ହୋଇ ବସିବା ଚାଷୀଙ୍କ ଚିନ୍ତାକୁ ବଢାଇ ଦେଇଛି। ଅନ୍ୟପକ୍ଷରେ ଧାନ ଗଛକୁ ସବୁଜ ସାର ଯୋଗାଇବାକୁ ଜମିରେ ଧନିଚା ବିହନ ବୁଣା ଯାଇଥାଏ। ଏବେର ସମୟ ହେଉଛି ଧନିଚା ବିହନ ବୁଣିବାର ଉପଯୁକ୍ତ ସମୟ। ମାତ୍ର ଧନିଚା ବିହନ ଏଯାଏ ବ୍ଲକକୁ ଆସିନାହିଁ। ଚଳିତବର୍ଷ ପ୍ରଥମ ପର୍ଯ୍ୟାୟରେ କେବଳ ଧାନ ବିହନ କୃଷି ବିଭାଗ ପକ୍ଷରୁ ବିଭିନ୍ନ କିସମର ୫ ଶହ ୫୦ କୁଇଣ୍ଟାଲ ସମବାୟ ସଂସ୍ଥା ଜରିଆରେ ବିକ୍ରି ପାଇଁ ଧାର୍ଯ୍ୟ ଲକ୍ଷ୍ୟ କରାଯାଇଛି। ଏପରି କି ଏହି ବ୍ଲକରେ ୧୩ଟି ସମବାୟ ସଂସ୍ଥା ଜରିଆରେ ଚାଷୀକୁ ବିହନ ଯୋଗାଇଦେବାକୁ ଦାୟିତ୍ୱ ଦିଆଯାଇଛି। ମାତ୍ର ସମବାୟ ସଂସ୍ଥାଗୁଡିକ ବିହନ ନିଗମ ବିଭାଗ ପାଖରେ ଟଙ୍କା ଦାଖଲ କରିବାରେ ବିଳମ୍ବ କରୁଥିବା ଯୋଗୁ ଏଯାଏ ବ୍ଲକ ଅଞ୍ଚଳକୁ ଆସିପାରିନାହିଁ। ଅନ୍ୟପକ୍ଷରେ କୃଷି ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ସାମୁଦ୍ରିକ ଝଡ ଫନୀର ପ୍ରଭାବ ହେତୁ ରିଲିଫ କାର୍ଯ୍ୟରେ କର୍ମଚାରୀମାନେ ବ୍ୟସ୍ତ ରହିଥିଲେ। ତଥାପି ୧ ସପ୍ତାହ ମଧ୍ୟରେ ବିହନ ନିଗମ ବିଭାଗରେ ଟଙ୍କା ଦାଖଲ କରି ସମସ୍ତ କିସମର ବିହନ ମଗାଇବା ପାଇଁ ସମବାୟ ସଂସ୍ଥାଗୁଡିକଙ୍କୁ କୃଷି ବିଭାଗ ପକ୍ଷରୁ ଚିଠି କରାଯାଇଛି। ଚଳିତବର୍ଷ ସ୍ୱର୍ଣ୍ଣ, ପୂଜା, ସ୍ୱର୍ଣ୍ଣ ସବ୍‌ୱାନ, ତୁଳସୀ ଆଦି ବିହନ ଚାଷୀଙ୍କର ଚାହିଦା ରହିଛି। ତେବେ ଖାଲୁଆ ଜମିରେ ଧାନ ବିହନ ବୁଣିବା ପାଇଁ ୧୦୦୧, ୧୦୦୯, ୧୦୧୧, ୧୦୧୪, ୧୦୩୦, ଶାରଳା ଆଦି ବିହନ ଚାଷୀଙ୍କ ଆବଶ୍ୟକ ଥିବାବେଳେ ତାହା ଏଯାଏ ମିଳିପାରୁନାହିଁ।

ବେଗୁନିଆ ବ୍ଲକ ଅଞ୍ଚଳରେ ୮୦ ପ୍ରତିଶତ ଲୋକେ ଚାଷ ଉପରେ ନିର୍ଭର କରନ୍ତି। ମୋଟ ୧୬, ୫୬୦ ହେକ୍ଟର ଚାଷ ଜମି ରହିଥିବା ବେଳେ ସେଥିମଧ୍ୟରୁ ୧୩, ୯୬୦ ହେକ୍ଟର ଜମିରେ ଧାନ ଚାଷ କରାଯାଇଥାଏ। ୫, ୬୦୫ ହେକ୍ଟର ଜମି(ଢିପ)ରେ ଖଣ୍ଡଗିରି ଓ ସ୍ୱର୍ଣ୍ଣ, ୫ ହଜାର ୪୦ ହେକ୍ଟର ମଧ୍ୟମ ଧରଣ ଜମିରେ ସ୍ୱର୍ଣ୍ଣ ସବ୍‌ୱାନ, ପୂଜା ଓ ପ୍ରତୀକ୍ଷା ଆଦି ଧାନ ଚାଷ ବହୁଳ ଭାବେ କରାଯାଉଛି। ୩୩୧୫ ହେକ୍ଟର ଖାଲୁଆ ଜମିରେ ୧୦୦୯, ୧୦୧୪, ୧୦୩୦, ଶାରଳା ଆଦି ଧାନ ବୁଣାଯାଏ। ଏଣେ ଖରିଫ ଋତୁ ଗଡି ଯାଉଥିବାରୁ ଚାଷୀଙ୍କ ଧାନ ଚାଷ ବାଧାପ୍ରାପ୍ତ ହେବ ବୋଲି ଆଶଙ୍କା ପ୍ରକାଶ କରାଯାଉଛି। ଏ ସମ୍ପର୍କରେ ଦେଉଳୀ ଗ୍ରାମର ଚାଷୀ ଅରକ୍ଷିତ ସାହୁ କୁହନ୍ତି, ଧାନ ବୁଣିବା ସମୟ ଗଡିଯାଉଥିବା ବେଳେ ଆମ ଅଞ୍ଚଳର ସମବାୟ ସମିତି ଆବଶ୍ୟକ ପରିମାଣର ବିହନ ଯୋଗାଇପାରୁନାହିଁ। ଏପରି କି ଖାଲୁଆ ଜମିରେ ବୁଣିବା ପାଇଁ ଶାରଳା ଓ ୧୦୩୦ ବିହନ ମିଳୁନାହିଁ। ସେହିପରି ସିକୋ ଅଞ୍ଚଳର ଚାଷୀ ମାୟାଧର ବେହେରା କୁହନ୍ତି, ପୂର୍ବରୁ କୃଷି ବିଭାଗ ପକ୍ଷରୁ ବିହନ ସଂଗ୍ରହ କରୁଥିଲୁ। ହେଲେ ୩ ବର୍ଷ ହେଲା ସରକାର ସମବାୟ ସଂସ୍ଥାକୁ ଦାୟିତ୍ୱ ଦେଇଛନ୍ତି। ମାତ୍ର ସମବାୟ ସଂସ୍ଥା ଚାଷୀଙ୍କ ଚାହିଦା ଅନୁସାରେ ବହୁ ବିଳମ୍ବରେ ଧାନ ବିହନ ଯୋଗାଉଛନ୍ତି। ଠିକ ସମୟରେ ଚାଷୀ ବିହନ ନ ପାଇ ହଟହଟା ହେଉଛନ୍ତି। ଏ ସଂକ୍ରାନ୍ତରେ ବ୍ଲକ ସହକାରୀ କୃଷି ଅଧିକାରୀ ରତିକାନ୍ତ ପଟ୍ଟନାୟକ କୁହନ୍ତି, ଚଳିତ ଖରିଫ ଋତୁରେ ଚାଷୀଙ୍କ ଆବଶ୍ୟକତା ମେଣ୍ଟାଇବା ପାଇଁ ପ୍ରଥମ ପର୍ଯ୍ୟାୟ ବିହନ ଆସନ୍ତା ୧ ସପ୍ତାହ ମଧ୍ୟରେ ସମସ୍ତ ସମବାୟ ସଂସ୍ଥାରେ ମହଜୁଦ ରହିବା ପାଇଁ ବନ୍ଦୋବସ୍ତ କରାଯାଉଛି।

# ଅନୁଗୋଳରେ ବାଜିମାତ: ୫ରୁ ୫ରେ ବିଜେଡି

ଅନୁଗୋଳ ଜିଲାରେ ଥିବା ୫ଟି ବିଧାନସଭା ନିର୍ବାଚନମଣ୍ଡଳୀରେ ବିଜେଡିକୁ ଜବରଦସ୍ତ ସଫଳତା ମିଳିଛି। ଗତ ପଞ୍ଚାୟତ ନିର୍ବାଚନ ବେଳେ ଭାଜପା ଆଡ଼କୁ ଭୋଟରମାନେ ଯେପରି ଢଳିଥିଲେ ତାହାକୁ ଲକ୍ଷ୍ୟରଖି ରାଜନୈତିକ ବିଶାରଦମାନେ ନାନା କଳ୍ପନାଜଳ୍ପନା କରୁଥିଲେ। ହେଲେ ଆଶା ଆଶଙ୍କାକୁ ଭୁଲ ସାବ୍ୟସ୍ତ କରି ବିଜେଡି ଏଠାରେ ଜୋରଦାର ପ୍ରଦର୍ଶନ କରିଛି। ଜିଲାର ଅନୁଗୋଳ, ଆଠମଲ୍ଲିକ, ପାଲଲହଡ଼ା, ଛେଣ୍ଡିପଦା ଓ ତାଳଚେରରେ ଦଳୀୟ ପ୍ରାର୍ଥୀମାନେ ବିଜୟର ବାନା ଉଡ଼ାଇଥିବା ଦେଖିବାକୁ ମିଳିଛି। ଅନୁଗୋଳ, ଛେଣ୍ଡିପଦା ଓ ତାଳଚେରରେ ଦଳ ପୁରୁଣା ତଥା ଷ୍ଟାଣ୍ଡିଂ ବିଧାୟକମାନଙ୍କୁ ପ୍ରାର୍ଥୀ କରିଥିବା ବେଳେ ଆଠମଲ୍ଲିକ ଓ ପାଲଲହଡ଼ାରେ ସମ୍ପୂର୍ଣ୍ଣ ନୂଆ ମୁହଁ ଦେଇଥିଲା। ତଥାପି ଭୋଟରମାନେ ସେମାନଙ୍କୁ ବିପୁଳ ସଂଖ୍ୟାରେ ଗ୍ରହଣ କରିଥିବା ଦେଖିବାକୁ ମିଳିଛି। ଜିଲାରେ ବିଜେଡିର ଏହି କ୍ଲିନ୍ ସୁଇପ୍‌କୁ ନେଇ ଦଳୀୟ କର୍ମୀମାନେ ରାତିରେ ଅନେକସ୍ଥାନରେ ବିଜୟ ଉତ୍ସବ ପାଳନ କରୁଥିବା ବେଳେ ଭାଜପା ଓ କଂଗ୍ରେସ କର୍ମୀ ମହଲରେ ନିରାଶା ଖେଳିଯାଇଛି।

## ତାଳଚେରରେ ବ୍ରଜଙ୍କ ହ୍ୟାଟ୍ରିକ



**ତାଳଚେର, ୨୩।୫ (ନି.ପ୍ର.)**

ବିଧାନସଭା ନିର୍ବାଚନରେ ତାଳଚେରରୁ ହ୍ୟାଟ୍ରିକ ମାରିଛନ୍ତି ବ୍ରଜ କିଶୋର ପ୍ରଧାନ। ୨୦୦୯ରେ ସ୍ୱାଧୀନ ଓ ୨୦୧୪ରେ ବିଜେଡିରେ ଯୋଗଦେଇ ସେ ଏଠାରୁ ବିଜୟୀ ହୋଇଥିବା ବେଳେ ୨୦୧୯ରେ ପୁଣି ବିଜେଡି ଟିକେଟ୍‌ରେ ବିଜୟୀ ହୋଇଛନ୍ତି। ତାଳଚେର ବିଧାନସଭା ନିର୍ବାଚନମଣ୍ଡଳୀରେ ଭାଜପାର ଦବ୍‌ଦବା ଥିବା କୁହାଯାଉଥିଲେ ବି ତାହାକୁ ସମ୍ପୂର୍ଣ୍ଣ ଭୁଲ୍ ସାବ୍ୟସ୍ତ କରିଛନ୍ତି ପ୍ରଧାନ। ଭୋଟ୍‌ଗଣତି ଆରମ୍ଭରୁ ହିଁ ସେ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ଭାଜପାର କାଳନ୍ଦୀ ସାମଲଙ୍କଠାରୁ ଆଗୁଆ ରହିଥିଲେ। ମୋଟ୍ ୨୯ ରାଉଣ୍ଡ ଗଣନା ହୋଇଥିବା ବେଳେ ବିଜେଡିର ବ୍ରଜକିଶୋର ପ୍ରଧାନ ୨୪୦୦୮ ଖଣ୍ଡ ଭୋଟରେ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ଭାଜପା ପ୍ରାର୍ଥୀ କାଳନ୍ଦୀ ସାମଲଙ୍କୁ ପରାସ୍ତ କରିଛନ୍ତି। ବ୍ରଜକିଶୋରଙ୍କୁ ୬୯୭୦୭ ଖଣ୍ଡ ଭୋଟ ମିଳିଥିବା ବେଳେ ଭାଜପାର କାଳନ୍ଦୀ ସାମଲଙ୍କୁ ୪୫୬୯୯ ଖଣ୍ଡ ମିଳିଛି। କଂଗ୍ରେସର ସୁରେଶ ଚନ୍ଦ୍ର ବେହେରା ୪୬୦୨ ଖଣ୍ଡ ଭୋଟ୍ ପାଇଛନ୍ତି। ବିଜେଡି ପ୍ରାର୍ଥୀ ବ୍ରଜଙ୍କ ବିଜୟ ପରେ ତାଳଚେର ଓ ତାଙ୍କ ସମର୍ଥକଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି।

## ରଜନୀକାନ୍ତଙ୍କ ରେକର୍ଡ:୪ ଥର ବିଧାୟକ

**ଅନୁଗୋଳ ଅଫିସ, ୨୩।୫**



ଅନୁଗୋଳ ବିଧାନସଭା ନିର୍ବାଚନମଣ୍ଡଳୀରେ ବିଜେଡି ପ୍ରାର୍ଥୀ ହୋଇଥିବା ରଜନୀକାନ୍ତ ସିଂ ୮୯୧୯ ଭୋଟରେ ବିଜୟୀ ହୋଇ ରେକର୍ଡ କରିଛନ୍ତି। ତାଙ୍କ ପୂର୍ବରୁ ଏହି ନିର୍ବାଚନମଣ୍ଡଳୀରୁ କୌଣସି ପ୍ରାର୍ଥୀ ଲଗାତର ୪ଥର ବିଧାୟକ ନିର୍ବାଚିତ ହୋଇ ନ ଥିବା ବେଳେ ଏହା କରି ଦେଖାଇଛନ୍ତି ସିଂ। ତାଙ୍କ ପୂର୍ବରୁ ୨୦୦୦ରେ ତାଙ୍କ ବାପା ଅଦ୍ୱୈତ୍ ପ୍ରସାଦ ସିଂ ବିଜେଡିରୁ ବିଜୟୀ ହୋଇଥିଲେ। ଏହାପରେ ଜିଲା ବିଜେଡି ସଭାପତି ଥିବା ରଜନୀକାନ୍ତ ସିଂ ଲଗାତାର ୨୦୦୪, ୨୦୦୯ ଓ ୨୦୧୪ ନିର୍ବାଚନରେ ବିଜୟୀ ହୋଇଥିଲେ। କିନ୍ତୁ ଚଳିତଥର ନିର୍ବାଚନରେ ଟିକେଟ୍ ପାଇଁ ତାଙ୍କୁ ବଡ଼ କସରତ କରିବାକୁ ପଡ଼ିଥିଲା। ଦୀର୍ଘ ଦିନ ଅପେକ୍ଷା କରାଇବା ପରେ ଦଳ ତାଙ୍କୁ ଅନୁଗୋଳରୁ ପୁଣି ପ୍ରାର୍ଥୀ କରିଥିଲା।

ରଜନୀକାନ୍ତଙ୍କୁ ମିଶାଇ ଅନୁଗୋଳ ବିଧାନସଭା ଆସନ ପାଇଁ ୧୦ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଥିଲେ। କିନ୍ତୁ ଭୋଟଗଣତି ଆରମ୍ଭରୁ ରଜନୀକାନ୍ତ ପ୍ରାଧାନ୍ୟ ବିସ୍ତାର କରିଥିଲେ। କିଛି ରାଉଣ୍ଡ ସେ ଆଗରେ ଥିବା ବେଳେ ପରେ ଭାଜପା ପ୍ରାର୍ଥୀ ପ୍ରତାପ ଚନ୍ଦ୍ର ପ୍ରଧାନ ତାଙ୍କୁ ପଛରେ ପକାଇ ଆଗକୁ ବଢ଼ିଥିଲେ। ହେଲେ ମଝିରୁ ଶେଷ ପର୍ଯ୍ୟାୟ ପର୍ଯ୍ୟନ୍ତ ରଜନୀକାନ୍ତ ଆଉ ପ୍ରତାପଙ୍କୁ ଆଗକୁ ଯିବାକୁ ଦେଇ ନ ଥିଲେ। ଲଗାତର ଲିଡ୍ ବଜାୟ ରଖିବା ପରେ ଶେଷରେ ବିଜୟୀ ହୋଇଥିଲେ। ୨୮ ରାଉଣ୍ଡରେ ଶେଷ ହୋଇଥିବା ଗଣନା ବେଳେ ରଜନୀକାନ୍ତ ୬୫୩୧୯ ଖଣ୍ଡ ଭୋଟ ପାଇଥିଲେ। ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପାର ପ୍ରତାପ ପ୍ରଧାନ ୫୬୪୦୦ ଓ କଂଗ୍ରେସର ବିପ୍ଳବ ଜେନା ୩୦୫୨୦ ଭୋଟ ପାଇଥିଲେ। ରଜନୀକାନ୍ତଙ୍କ ବିଜୟ ପରେ ଅନୁଗୋଳ ବିଜେଡିରେ ଖୁସିରେ ଲହରି ଖେଳିଯାଇଛି। ତାଙ୍କ ସମର୍ଥକମାନେ ବେଶ୍ ଖୁସି ବ୍ୟକ୍ତ କରିଛନ୍ତି। ଅପରପକ୍ଷରେ ଭାଜପା ଓ କଂଗ୍ରେସ ଶିବିରରେ ନିରାଶା ଖେଳିଯାଇଛି। ଯଦିଓ ପ୍ରତାପ ଦ୍ୱିତୀୟ ସ୍ଥାନରେ ଅଛନ୍ତି ହେଲେ ଅନୁଗୋଳ ପୌରାଞ୍ଚଳରେ ଭଲ ସ୍ଥିତିକୁ ନେଇ ଆଶାବାଦୀ ଥିବା କଂଗ୍ରେସ ପ୍ରାର୍ଥୀ ବିପ୍ଳବ ଜେନା କିନ୍ତୁ ତୃତୀୟ ସ୍ଥାନରେ ରହି ସବୁଠାରୁ ଅଧିକ ନିରାଶ ହୋଇଛନ୍ତି। ବିଜୟ ପରେ ରଜନୀକାନ୍ତ ଅନୁଗୋଳର ଭୋଟରମାନଙ୍କୁ ଧନ୍ୟବାଦ ଜଣାଇବା ସହ ଆଗାମୀ ଦିନରେ ଉନ୍ନୟନ କାର୍ଯ୍ୟ ଜାରି ରଖାଯିବ ବୋଲି ପ୍ରକାଶ କରିଛନ୍ତି।

## ୬୨୧୪ ଭୋଟରେ ଜିତିଲେ ମୁକେଶ

**ପାଲଲହଡ଼ା, ୨୩।୫(ଡି.ଏନ.ଏ.)**

ଭାଜପାରୁ ଟିକେଟ ନ ମିଳିବାରୁ ଶେଷ ମୁହୂର୍ତ୍ତରେ ବିଜେଡିରେ ଯୋଗ ଦେଇଥିବା ମୁକେଶ ପାଲଙ୍କ ହାତକୁ ଯାଇଛି ପାଲଲହଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀ। ଭାଜପାର ଅଶୋକ କୁମାର ମହାନ୍ତିଙ୍କୁ ମାତ୍ର ୬,୨୧୪ ଖଣ୍ଡ ଭୋଟରେ ପରାସ୍ତ କରି ପାଲ ବାଜି ମାରିନେଇଛନ୍ତି। ମୁକେଶଙ୍କୁ ସର୍ବାଧିକ ୫୯, ୩୫୦ ଖଣ୍ଡ ଭୋଟ ମିଳିଥିବାବେଳେ ଭାଜପାର ଅଶୋକ ୫୩ ହଜାର ୧୩୬ ଖଣ୍ଡ ଭୋଟରେ ସୀମିତ ରହିଯାଇଥିଲେ। ଅନ୍ୟପକ୍ଷରେ କଂଗ୍ରେସ ପ୍ରାର୍ଥୀ ସୁବ୍ରତ ଗଡନାୟକଙ୍କ ଖାତାକୁ ଯାଇଛି ମାତ୍ର ୧୨୦୩୦ ଖଣ୍ଡ ଭୋଟ। ଶାନ୍ତିଶୃଙ୍ଖଳାର ସହ ମୋଟ ୩୦ ରାଉଣ୍ଡରେ ଗଣନା କାର୍ଯ୍ୟ ଶେଷ ହୋଇଥିଲା। ଚଳିତ ନିର୍ବାଚନରେ ପାଲଲହଡ଼ାରେ ମୋଟ ୮୨.୦୬ ପ୍ରତିଶତ ଅର୍ଥାତ ୧ ଲକ୍ଷ ୩୭ ହଜାର ୩୪୦ ଜଣ ଭୋଟର ସେମାନଙ୍କ ମତ ସାବ୍ୟସ୍ତ କରିଥିଲେ। ବିଜୟ ପରେ ମୁକେଶ କହିଛନ୍ତି, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କ ଉପରେ ଆସ୍ଥା ପ୍ରକଟ କରି ଟିକେଟ ଦେଇଥିଲେ। ଏଥିପାଇଁ ତାଙ୍କୁ ଧନ୍ୟବାଦ ଦେଉଛି। ଏହି ବିଜୟ ପାଲଲହଡ଼ାବାସୀଙ୍କର। ଆଗାମୀ ୫ ବର୍ଷ ପାଲଲହଡ଼ାର ଉନ୍ନତି ପାଇଁ ଉତ୍ସର୍ଗ କରିବି।



## ଛେଣ୍ଡିପଦା: ଦ୍ୱିତୀୟ ଥର ଜିତିଲେ ସୁଶାନ୍ତ



**ଛେଣ୍ଡିପଦା, ୨୩।୫ (ଡି.ଏନ.ଏ.)**

ଛେଣ୍ଡିପଦା ନିର୍ବାଚନମଣ୍ଡଳୀରେ ବିଜେଡିର ସୁଶାନ୍ତ କୁମାର ବେହେରା ପୁନର୍ବାର ବିଧାୟକ ନିର୍ବାଚିତ ହୋଇଛନ୍ତି। ସେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପାର ଅଗସ୍ତି ବେହେରାଙ୍କୁ ୬୮୪୩ ଖଣ୍ଡ ଭୋଟରେ ପରାସ୍ତ କରିଛନ୍ତି। ସୁଶାନ୍ତଙ୍କୁ ମୋଟ ୭୪୮୭୯ ଖଣ୍ଡ ଭୋଟ ମିଳିଥିବାବେଳେ ଅଗସ୍ତିଙ୍କୁ ୬୮୦୩୬ ଖଣ୍ଡ ଭୋଟରେ ସନ୍ତୁଷ୍ଟ ହେବାକୁ ପଡିଛି। ସେହିପରି କଂଗ୍ରେସ ପ୍ରାର୍ଥୀ ସସ୍ମିତା ବେହେରା ୧୬୫୭୪ ଖଣ୍ଡ ଭୋଟ ପାଇ ତୃତୀୟ ସ୍ଥାନରେ ରହିଛନ୍ତି। ଅନ୍ୟପକ୍ଷରେ ନୋଟାରେ ୧୩୮୬ ଭୋଟ ଯାଇଥିବା ସୂଚନା ମିଳିଛି। ଭୋଟ ଗଣତି ଆରମ୍ଭରୁ ଯଦିଓ ସୁଶାନ୍ତ ଆଗରେ ଥିଲେ ତେବେ ଅଗସ୍ତି ମଝିରେ ତାଙ୍କୁ ଅତିକ୍ରମ କରିଯାଇଥିଲେ। ହେଲେ ଶେଷ ଆଡ଼କୁ ସୁଶାନ୍ତ ପୁଣିଥରେ ଆଗେଇ ଯାଇଥିଲେ। ଏହା ସୁଶାନ୍ତଙ୍କ ଦ୍ୱିତୀୟ ବିଜୟ। ଅନ୍ୟପକ୍ଷରେ ଶେଷ ପର୍ଯ୍ୟନ୍ତ ଲଢ଼େଇ କରିଥିଲେ ବି ଭାଜପାର ଅଗସ୍ତିଙ୍କୁ ନିରାଶ ହେବାକୁ ପଡ଼ିଥିଲା। ବିଜୟ ପରେ ସୁଶାନ୍ତ କହିଛନ୍ତି, ଏ ବିଜୟ ଛେଣ୍ଡିପଦାବାସୀଙ୍କର। ମୋ ଭୋଟରଙ୍କ ନିକଟରେ ପହଞ୍ଚିବା ପରେ ହିଁ ଉତ୍ସବ ପାଳିବି।

## ଆଠମଲ୍ଲିକରେ ରମେଶ ସାଏଙ୍କ ବାଜିମାତ

**ବଇଣ୍ଡା, ୨୩।୫(ଡି.ଏନ.ଏ.)**

ଅନୁଗୋଳ ଜିଲା ଆଠମଲ୍ଲିକ ୬୩ ନମ୍ବର ବିଧାନସଭା ନିର୍ବାଚନମଣ୍ଡଳୀରେ ବାଜି ମାରିଛି ବିଜେଡି। ଦଳୀୟ ପ୍ରାର୍ଥୀ ରମେଶ ଚନ୍ଦ୍ର ସାଏ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପାର ଭାଗୀରଥି ପ୍ରଧାନଙ୍କଠାରୁ ୪୭ ହଜାର ୧୩୫ ଖଣ୍ଡ ଭୋଟରେ ବିଜୟୀ ହୋଇଛନ୍ତି। ସାଏ ମୋଟ ୮୬ ହଜାର ୧୩୦ ଖଣ୍ଡ ଭୋଟ ହାତେଇଛନ୍ତି। ସେହିପରି ଭାଗୀରଥି ପ୍ରଧାନ ୩୮୯୯୫ ଖଣ୍ଡ ଭୋଟ ପାଇଥିବାବେଳେ କଂଗ୍ରେସ ପ୍ରାର୍ଥୀ ବିଜୟାନନ୍ଦ ଚାଉଳିଆଙ୍କ ଭୋଟ ୩୦୮୮୮ ଖଣ୍ଡରେ ସୀମିତ ରହିଛି।

ସକାଳ ୮ଟାରୁ ଭୋଟଗଣତି ଆରମ୍ଭ ହୋଇଥିଲା। ମୋଟ ୩୬ ରାଉଣ୍ଡ ଯାଏ ଭୋଟ ଗଣନା କରାଯାଇଥିଲା। ରାତି ୭ଟା ୫୫ରେ ଗଣତି ଶେଷ ହୋଇଥିଲା। ଭୋଟ ଗଣତି ଆରମ୍ଭରୁ ହିଁ ବିଜେଡି ପ୍ରାର୍ଥୀ ସାଏ ଆଗରେ ରହିଥିଲେ। ତେବେ ପ୍ରଥମରୁ ଭାଜପା ପ୍ରାର୍ଥୀ ପ୍ରଧାନ ଓ ସାଏଙ୍କ ମଧ୍ୟରେ ଭୋଟ ବ୍ୟବଧାନ ସେତେ ଅଧିକ ନ ଥିଲା। ହେଲେ ପରବର୍ତ୍ତୀ ରାଉଣ୍ଡରେ ରମେଶ ସାଏ ଭୋଟ ବ୍ୟବଧାନରେ ଉଭୟ ଭାଜପା ଓ କଂଗ୍ରେସ ପ୍ରାର୍ଥୀଙ୍କଠାରୁ ବହୁ ଆଗେଇ ଯାଇଥିଲେ। ଆଠମଲ୍ଲିକ ବିଧାନସଭା ଆସନରୁ ନିର୍ବାଚନ ଲଢିଥିବା ଏସ୍‌ୟୁସିଆଇ ପ୍ରାର୍ଥୀ ରମଣୀ ରଞ୍ଜନ ପ୍ରଧାନଙ୍କୁ ୧୦୫୨ ଖଣ୍ଡ ଭୋଟ ମିଳିଛି। ବିଏସ୍‌ପି ପ୍ରାର୍ଥୀ ହୃଷୀକେଶ ଲୁହାଙ୍କୁ ୧୨୮୫, ସ୍ୱାଧୀନ ପ୍ରାର୍ଥୀ ଶରତ ଚନ୍ଦ୍ର ମହାପାତ୍ରଙ୍କୁ ୭୦୬ ଖଣ୍ଡ ଭୋଟରେ ସନ୍ତୁଷ୍ଟ ହେବାକୁ ପଡିଛି। ଅନ୍ୟପକ୍ଷରେ ୧୭୧୫ ଖଣ୍ଡ ଭୋଟ ନୋଟାରେ ଯାଇଥିବା ସୂଚନା ମିଳିଛି। ବିଜୟ ପରେ ରମେଶ ସାଏଙ୍କ ଘର ଆଠମଲ୍ଲିକ ବ୍ଲକର ଆମ୍ବଶରମୁଣ୍ଡା ପଞ୍ଚାୟତରେ ଉତ୍ସବର



ମାହୋଲ ସୃଷ୍ଟିରହିଛି। ପଞ୍ଚାୟତର ତଳପଦା ଅଞ୍ଚଳରେ ସାଏଙ୍କ ସମର୍ଥକ ବିଜୟ ଉତ୍ସବ ପାଳନ କରିଛନ୍ତି। ଏ ସମ୍ପର୍କରେ ସାଏ କୁହନ୍ତି, ସମ୍ବଲପୁର ଏମ୍‌ପି ପ୍ରାର୍ଥୀ ନଳିନୀକାନ୍ତ ପ୍ରଧାନଙ୍କ ସହଯୋଗ ଓ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଆସ୍ଥା ଯୋଗୁ ଟିକେଟ ମିଳିଥିଲା। ଆଠମଲ୍ଲିକର ସର୍ବାଙ୍ଗୀନ ବିକାଶକୁ ଆଖିରେ ରଖି ନିର୍ବାଚନ ଲଢିବାକୁ ବାର୍ତ୍ତା ଦିଆଯାଇଥିଲା। ବିପୁଳ ଭୋଟରେ ଆଠମଲ୍ଲିକ ବିଧାନସଭାବାସୀ ମୋତେ ବିଜୟୀ କରିଥିବାରୁ ସେମାନଙ୍କ ନିକଟରେ ଚିରଋଣୀ। ବିଧାନସଭାରେ ଆଠମଲ୍ଲିକର ସମସ୍ତ ସମସ୍ୟା ଉପସ୍ଥାପନ କରିବି। ପ୍ରତ୍ୟେକ ଲୋକ କିପରି ପାନୀୟ ଜଳ ସହ ଗମନାଗମନର ମୌଳିକ ସୁବିଧା ପାଇବେ ଏବଂ ସବୁ ଜମିକୁ ଜଳସେଚନ ହୋଇପାରିବ ସେ ଉପରେ ଗୁରୁତ୍ୱ ଦେବି।

## ଭାରତକୁ ବିଶ୍ୱ ଲିଡର କରିବ ସଂସ୍କାରଧାରା

**ଅର୍ଥନୀତିରେ ପରିବର୍ତ୍ତନ ଧାରା ଆଣିବା ଲାଗି ବିଭିନ୍ନ ଗଠନମୂଳକ ପଦକ୍ଷେପ ନେବା ଉପରେ ଦେଶର ଶିଳ୍ପ ଜଗତ ଗୁରୁତ୍ୱାରୋପ କରିଛି। ଦେଶର ପ୍ରମୁଖ ଶିଳ୍ପ ନେତାମାନେ କେନ୍ଦ୍ରରେ ଏନ୍‌ଡିଏ ସରକାର ଶାସନ କ୍ଷମତାକୁ ଫେରିଥିବାରୁ ଖୁସି ବ୍ୟକ୍ତ କରିଛନ୍ତି। ସଂସ୍କାର ଧାରା ଭାରତକୁ ବିଶ୍ୱ ଲିଡର କରି ଗଢି ତୋଳିବ ବୋଲି ଏହି ଲିଡରମାନେ ନିଜର ପ୍ରତିକ୍ରିୟାରେ କହିଛନ୍ତି। ଶିଳ୍ପ କ୍ୟାପଟେନ ଏ ନେଇ ରଖିଥିବା ପ୍ରତିକ୍ରିୟା...**

ଦେଶରେ ଗଣତାନ୍ତ୍ରିକ ଢାଞ୍ଚା ଦୃଢ ରହିଛି। ଦେଶ ଗଠନରେ ଲୋକମାନେ ନିଜର ଯୋଗଦାନ ରଖୁଛନ୍ତି। ଦେଶରେ ପରବର୍ତ୍ତୀ ପିଢି ବିକାଶ ଲାଗି ଭିତ୍ତିଭୂମି ଅଭିବୃଦ୍ଧି, ଶ୍ରମ ଶକ୍ତିକୁ ପୁନଃକୁଶଳୀ କରି ଗଢି ତୋଳିବା ଏବଂ ଟେକ୍ନୋଲୋଜିର ଆଦୃତି ବଢାଇବାକୁ ହେବ।

**–ଗୌତମ ଆଦାନୀ, ଆଦାନୀ ଗ୍ରୁପ ଅଧ୍ୟକ୍ଷ**

ଭାଜପାର ଏହି ବିଜୟ ଲୋକଙ୍କ ମୋଦିଙ୍କ ପ୍ରତି ରହିଥିବା ଭରସାକୁ ପ୍ରତିଫଳିତ କରୁଛି। ସରକାର ଗ୍ରହଣ କରିଥିବା ସଂସ୍କାର ପ୍ରକ୍ରିୟା, ଅଭିବୃଦ୍ଧି,ନିଯୁକ୍ତି ଏବଂ ଲୋକଙ୍କ ଉନ୍ନତ ଜୀବନଧାରାକୁ ଏହା ସୂଚାଉଛି। ସେହିଭଳି ଏକ ଉନ୍ନତ ଭାରତ ଗଠନ ଲାଗି ମୋଦିଙ୍କୁ ଲକ୍ଷ୍ୟକୁ ଲୋକ ସହଯୋଗ କରୁଥିବା ନିର୍ବାଚନ ଫଳାଫଳ ଦର୍ଶାଉଛି।

**– ଏନ୍.ଚନ୍ଦ୍ରଶେକରନ, ଅଧ୍ୟକ୍ଷ ଟାଟା ସନ୍ସ**

ଅଭିବୃଦ୍ଧି ଧାରାକୁ ପୁନର୍ଜୀବିତ କରିବା ଲାଗି ସରକାର କାର୍ଯ୍ୟ କରିବେ। ବିଭିନ୍ନ ଜଟିଳ ପ୍ରସଙ୍ଗର ସମାଧାନ, ନିଯୁକ୍ତି ସୃଷ୍ଟି, ସରଳ ଟିକସ ଆଇନ ଭଳି ପ୍ରଗତିଶୀଳ ପଦକ୍ଷେପ ବିଶ୍ୱ ବାଣିଜ୍ୟ କ୍ଷେତ୍ରରେ ଭାରତର ସ୍ଥିତିକୁ ଆହୁରି ଦୃଢ କରିବ। ସେହିଭଳି ଘରୋଇ ଶିଳ୍ପର ସୁରକ୍ଷା ସହ ସହଯୋଗପୂର୍ଣ୍ଣ ସ୍ଥିତି ସୃଷ୍ଟି,ଖଣି, ତୈଳ ଏବଂ ଗ୍ୟାସ କ୍ଷେତ୍ରରେ ଏଫଡିଆଇ ବୃଦ୍ଧି କରିବାକୁ ପଦକ୍ଷେପ ଗ୍ରହଣ କରାଯିବ।

**– ଅନିଲ ଅଗ୍ରୱାଲ, ବେଦାନ୍ତ ରିସୋର୍ସେସ ଅଧ୍ୟକ୍ଷ**

ନିର୍ବାଚନ ଜିତିବା ପରେ ମୋଦି ବିଶ୍ୱର ଜଣେ ଶକ୍ତିଶାଳୀ ଲିଡର ହୋଇ ପାରିଛନ୍ତି।

**–ଆନନ୍ଦ ମହିନ୍ଦ୍ରା, ଅଧ୍ୟକ୍ଷ, ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା ଗ୍ରୁପ**

ଅର୍ଥନୀତିକୁ ଏକ ନୂଆ ସ୍ତରକୁ ନେବାରେ ମୋଦିଙ୍କର ନେତୃତ୍ୱ ସହାୟକହେବ।

**–ଚନ୍ଦ୍ରଜିତ ବାନାର୍ଜୀ, ସିଆଇଆଇ, ଡିଜି**

ବିଶ୍ୱ ନୀତି ନିର୍ଦ୍ଧାରଣ କ୍ଷେତ୍ରରେ ଭାରତ ଏକ ପ୍ରମୁଖ ପ୍ରଭାବଶାଳୀ ଦେଶ ହେବ। ଅର୍ଥନୀତି ଏକ ନୂଆ ସ୍ତରରେ ପହଞ୍ଚିବ।

**–ସଜ୍ଜନ ଜିନ୍ଦଲ, ଜେଏସ୍‌ଡବ୍ଲ୍ୟୁ ଗ୍ରୁପ ଅଧ୍ୟକ୍ଷ**

ମୋଦି ସଂସ୍କାରକୁ ପ୍ରୋତ୍ସାହିତ କରିଥିବା ବେଳେ ଏବେ ଯାଏ ପ୍ରକ୍ରିୟା ଶେଷ ହୋଇ ନାହିଁ। ଲୋକଙ୍କ ଭରସା ଜିତିବାରେ ମୋଦି ସଫଳ ହୋଇଛନ୍ତି।

**– ଆର୍.ସି. ଭାର୍ଗଭ, ଅଧ୍ୟକ୍ଷ, ମାରୁତି ସୁଜୁକି ଇଣ୍ଡିଆ ଲିମିଟେଡ**

ଶିଳ୍ପ କ୍ଷେତ୍ର ଲାଗି ପ୍ରଗତିଶୀଳ ନିଷ୍ପତ୍ତି ଏବଂ ମେକ୍ ଇନ ଇଣ୍ଡିଆରେ ଡୁଇଂ ବିଜନେସକୁ ନୂଆ ସରକାର ପ୍ରୋତ୍ସାହିତ କରିବେ ବୋଲି ଆଶାବାଦୀ ।

**–ଆନନ୍ଦ କ୍ରିପାଲୁ, ଏମ୍‌ଡି ତଥା ସିଇଓ, ଡିଏଜିଓ ଇଣ୍ଡିଆ**

ଲୋକଙ୍କ ସମର୍ଥନ ଯୋଗୁ ସରକାରଙ୍କ ଉତ୍ତରଦାୟିତ୍ୱ ବଢିଛି। ସରକାର ଗ୍ରହଣ କରିବାକୁ ଥିବା ଅର୍ଥନୈତିକ ଏବଂ ସାମାଜିକ ନିଷ୍ପତ୍ତି ଦେଶର ଅଭିବୃଦ୍ଧିକୁ ଆଗାମୀ ୫ ବର୍ଷରେ ୬ରୁ ୧୦% ବଢାଇବାରେ ସହାୟତା କରିବ।

**–ରାଜୀବ ତଲୱାର, ସଭାପତି, ପିଏଚ୍‌ଡିସିସିଆଇ**

ସରକାରଙ୍କ ନିବେଶ କମିଥିବା ବେଳେ ଶୀଘ୍ର ବଜେଟ ଆସିବାର ଅଛି। ଗତ ଆର୍ଥିକ ବର୍ଷର ଚତୁର୍ଥ ତ୍ରୈମାସରୁ ଏହା ଧିମା ରହିଛି।

**–ପଓ୍ୱନ ଗୋଏଙ୍କା, ଏମ୍‌ଡି, ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା ଗ୍ରୁପ**

ଦୃଢ ଏବଂ ସ୍ଥାୟୀ ସରକାର ବିଦେଶୀ ପୁଞ୍ଜି ବଢାଇବାରେ ସହାୟକ ହେବ। ଘରୋଇ ଫାର୍ମଗୁଡିକର ଆତ୍ମବିଶ୍ୱାସ ପୁଣି ଫେରିଛି। ବର୍ତ୍ତମାନ ବ୍ୟବହାର ଏବଂ ନିବେଶର ଏକ ଚକ୍ରଣ ଦେଖିବାକୁ ମିଳିଛି।

**– ବିକେ ଗୋଏଙ୍କା, ଆସୋଚାମ ସଭାପତି**

ଦେଶର ପରିବର୍ତ୍ତନ ଲାଗି ଏହା ଏକ ସମୟ। ସେହିଭଳି ସଂସ୍କାର ପ୍ରକ୍ରିୟାକୁ ଦୃଢୀଭୂତ କରିବାକୁ ହେବ। ଜୀବନ କାଳ ମଧ୍ୟରେ ଭାରତକୁ ଏକ ସୁପର ପାୱାର ହେବା ଦେଖିବାକୁ ଚାହୁଁଛି। ମୋଦିଙ୍କୁ ହୃଦୟଭରା କୃତଜ୍ଞତା।

**– ଉଦୟ କୋଟାକ, ବ୍ୟାଙ୍କର**

ନିବେଶ ଧାରା ବଢାଇବା ସହ ଟ୍ରାକକୁ ଆଣିବାର ସମୟ ଆସିଛି। ବ୍ୟବହାର ବଢିଲେ ଏହା ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବ। ଏହା ନିଯୁକ୍ତି ସୃଷ୍ଟି କରିବା ସହ ଗ୍ରାମାଞ୍ଚଳର ଅସୁବିଧାକୁ ଦୁର କରିବ।

**–ସନ୍ଦିପ ସୋମାନି, ଫିକି ସଭାପତି**

ନୂଆ ସରକାରଙ୍କ ବିତ୍ତୀୟ ସଂସ୍କାର ଧାରା ଠିକ ରଖିବାର ଆବଶ୍ୟକତା। ଏଭଳି ପଦକ୍ଷେପ ଭାରତକୁ ଏକ ଗ୍ଲୋବାଲ ଅର୍ଥନୀତି ଭାବେ ଗଢି ତୋଳିବ।

**– ପ୍ରତାପ ରେଡ୍ଡି , ଅଧ୍ୟକ୍ଷ, ଆପୋଲୋ ହସ୍ପିଟାଲ୍ସ, ଗ୍ରୁପ**

## ନୂଆ ସରକାରଙ୍କ ସାମ୍ନାରେ ୫ ପ୍ରମୁଖ ଅର୍ଥନୈତିକ ଚ୍ୟାଲେଞ୍ଜ

ସରକାରଙ୍କ ସାମ୍ନାରେ ୫ ଅର୍ଥନୈତିକ ଚ୍ୟାଲେଞ୍ଜ ରହିବ। ସେଗୁଡିକୁ ସାମ୍ନା କରିବାକୁ ସରକାରଙ୍କୁ ପ୍ରସ୍ତୁତ ହେବାକୁ ପଡିବ। ଦ୍ୱିତୀୟ ପାଳିରେ ଏନ୍‌ଡିଏ ସରକାର କିଭଳି ଏ ପ୍ରମୁଖ ଦିଗକୁ ଗ୍ରହଣ କରି କାର୍ଯ୍ୟପନ୍ଥା ଗ୍ରହଣ କରୁଛନ୍ତି ଦେଖିବାକୁ ବାକି ରହିଲା। ପ୍ରମୁଖ ଚ୍ୟାଲେଞ୍ଜ ଗୁଡିକ ମଧ୍ୟରେ...

### ବାଣିଜ୍ୟ ଯୁଦ୍ଧ

ଆମେରିକା ଏବଂ ଚାଇନା ଭଳି ପ୍ରମୁଖ ଅର୍ଥନୀତିଗୁଡିକ ମଧ୍ୟରେ ବାଣିଜ୍ୟ ଯୁଦ୍ଧ ନୂଆ ସରକାରଙ୍କ ଲାଗି ଉଭୟ ଚ୍ୟାଲେଞ୍ଜ ଏବଂ ସୁଯୋଗ। ଚାଇନା ଏବଂ ୟୁଏସ୍ ସହ ରହିଥିବା ବାଣିଜ୍ୟ ସଙ୍କଟକୁ ଦୂର କରିବାକୁ ସରକାର ପ୍ରାଥମିକତା ଦେବାକୁ ପଡିବ ବୋଲି ବଜାର ବିଶେଷଜ୍ଞ କହିଛନ୍ତି। କେତେକ ସାମଗ୍ରୀ ଉପରେ ଭାରତକୁ ପ୍ରଦାନ କରୁଥିବା ଟିକସ ଛାଡ ସୁବିଧାକୁ ନିଷ୍ପତ୍ତିକୁ ଆମେରିକା ପ୍ରତ୍ୟାହାର କରିବ ବୋଲି କହିଥିବା ବେଳେ ସାଧାରଣ ନିର୍ବାଚନ ଯାଏ ଅପେକ୍ଷା କରିଥିଲା। ଏଭଳି ପ୍ରମୁଖ ପ୍ରସଙ୍ଗ ଉପରେ ସରକାର ଆମେରିକା ସହ ଆଲୋଚନା କରିବା ସହିତ ସମାଧାନ କରିବା ଆବଶ୍ୟକ ବୋଲି ବିଶେଷଜ୍ଞ କହିଛନ୍ତି।

### ନିଯୁକ୍ତି ସଙ୍କଟ

ସରକାରଙ୍କ ସାମ୍ନାରେ ନିଯୁକ୍ତି ଏକ ପ୍ରମୁଖ ଚ୍ୟାଲେଞ୍ଜ। ମୋଦି ସରକାର ପୂର୍ବ ପାଳିରେ ନିଯୁକ୍ତିକୁ ଗୁରୁତ୍ୱ ଦେବେ ବୋଲି କହିଥିଲେ। ମାତ୍ର ଏକ୍ଷେତ୍ରରେ ଏତେଟା ସଫଳ ହୋଇ ନାହାନ୍ତି। ଏଥି ଲାଗି ବିରୋଧୀଙ୍କ ଦ୍ୱାରା ସରକାର ଟାର୍ଗେଟ ହୋଇଛନ୍ତି। ଜାତୀୟ ନମୁନା ସର୍ଭେ ଅଫିସର ପ୍ରଘଟ ଡାଟା ମୁତାବକ ବେରୋଜଗାରୀ ୪୫ ବର୍ଷର ସର୍ବୋଚ୍ଚ ସ୍ତରରେ ରହିଛି। ଏପରି ସ୍ଥିତିରେ ସରକାରୀ ସ୍ତରରେ ରହିଥିବା ଖାଲି ପଦବୀଗୁଡିକ ପୂରଣ କରିବା ସହ ନିଯୁକ୍ତି ସୃଷ୍ଟି ଲାଗି ପଦକ୍ଷେପ ନେବାକୁ ହେବ ବୋଲି ବିଶେଷଜ୍ଞ ମତ ରଖିଛନ୍ତି।

### ଅଭିବୃଦ୍ଧିରେ ମାନ୍ଦାବସ୍ଥା

ଅଭିବୃଦ୍ଧିରେ ମାନ୍ଦାବସ୍ଥା ମଧ୍ୟ ଅନ୍ୟ ଏକ ଚ୍ୟାଲେଞ୍ଜ ଭାବେ ଉଭା ହୋଇଛି। କେନ୍ଦ୍ରୀୟ ପରିସଂଖ୍ୟାନ କାର୍ଯ୍ୟାଳୟ ତଥ୍ୟ ମୁତାବକ ଡିସେମ୍ବର ତ୍ରୈମାସରେ ୫ ତ୍ରୈମାସର ସର୍ବନିମ୍ନ ସ୍ତରରେ ରହିଛି। ୨୦୧୮–୧୯ ଆର୍ଥିକ ବର୍ଷ ଲାଗି ଅଭିବୃଦ୍ଧି ଆକଳନକୁ ୭.୨%ରୁ ଏହା ୭%କୁ କମାଇଛି। ମାନ୍ଦାବସ୍ଥା ଲାଗି ରହିବ ବୋଲି ଆକଳନ କରାଯାଇଥିବା ବେଳେ ଏନ୍‌ପିଏ ସମାଧାନ ଏବଂ ବ୍ୟାଙ୍କଗୁଡିକର ଋଣ ପ୍ରଦାନଧାରା ତ୍ୱରାନ୍ୱିତ କରିବା ଉପରେ ଜୋର ଦେବା ଉଚିତ ହେବ ବୋଲି ବିଶେଷଜ୍ଞ କହିଛନ୍ତି।

### ଗ୍ରାମାଞ୍ଚଳ କୃଷକଙ୍କ ସମସ୍ୟା

ଗ୍ରାମାଞ୍ଚଳରେ ରହିଥିବା ବିଭିନ୍ନ ସମସ୍ୟା ସମାଧାନକୁ ସରକାର ନଜରରେ ରଖିବେ ବୋଲି ଅନୁମାନ କରାଯାଉଛି। ଗ୍ରାମାଞ୍ଚଳ କୃଷକଙ୍କ ଲାଗି ଇଲେକଟ୍ରୋନିକ୍ସ ନ୍ୟାଶନାଲ ଏଗ୍ରିକଲଚର ମାର୍କେଟ(ଇନାମ) ବ୍ୟବସ୍ଥାକୁ ଆହୁରି ବ୍ୟବସ୍ଥିତ କରିବା ସହ ଲୋକମାନେ ଏହାର ଲାଭ କିଭଳି ପାଇବେ ସେ ନେଇ ସରକାରଙ୍କ ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା କୃଷ୍ଣମୂର୍ତ୍ତି ସୁବ୍ରମଣ୍ୟମ ନିକଟରେ ଗୁରୁତ୍ୱାରୋପ କରିଛନ୍ତି।

### ଚାହିଦା ବୃଦ୍ଧି

ଚାହିଦାରେ ହ୍ରାସ ମଧ୍ୟ ସରକାରଙ୍କ ଲାଗି ଚିନ୍ତାର କାରଣ ହୋଇଛି। ଏନେଇ ପଲିସି ଆଣିବା ଉପରେ ସରକାର କାର୍ଯ୍ୟ କରିବା ସହ ବିତ୍ତୀୟ ଶୃଙ୍ଖଳା ଦିଗରେ ଧ୍ୟାନ ରଖିବା ଉପରେ ମଧ୍ୟ ବିଶେଷଜ୍ଞ ମତ ରଖିଛନ୍ତି।

# ତ୍ରିସ୍ତରୀୟ ସୁରକ୍ଷାରେ ଶାନ୍ତିପୂର୍ଣ୍ଣ ଭୋଟ ଗଣନା

ଭୁବନେଶ୍ୱର,୨୩।୫(ବ୍ୟୁରୋ)

୨୦୧୯ ଲୋକ ସଭା ଓ ବିଧାନସଭା ନିର୍ବାଚନର ଭୋଟ ଗଣତି ପ୍ରକ୍ରିୟା ଶାନ୍ତିପୂର୍ଣ୍ଣ ଭାବେ ସରିଛି। କେନ୍ଦ୍ରରେ ନରେନ୍ଦ୍ର ମୋଦି ଓ ରାଜ୍ୟରେ ନବୀନ ପଟ୍ଟନାୟକ ସରକାର ଗଢ଼ିବା ନେଇ ଜନତା ମତଦାନରେ ସ୍ପଷ୍ଟ କରିଛନ୍ତି। ତେବେ ରାଜ୍ୟରେ ୬୩ଟି କେନ୍ଦ୍ରରେ ଭୋଟ ଗଣନା କରାଯାଇଥିଲା। ତେବେ ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ କୌଣସି ଭୋଟ ଗଣତି କେନ୍ଦ୍ରରେ ସେପରି କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇ ନ ଥିଲା। ରାଜ୍ୟରେ ଶାନ୍ତିପୂର୍ଣ୍ଣ ଭାବେ ଭୋଟ ଗଣତି ହୋଇଥିବା ପୋଲିସ ଡିଜି ଆର୍.ପି. ଶର୍ମା କହିଛନ୍ତି। ଶୃଙ୍ଖଳିତ ଗଣତି ପାଇଁ ରାଜ୍ୟର ବିଭିନ୍ନ ସମ୍ବେଦନଶୀଳ ସ୍ଥାନ ତଥା ସମସ୍ତ ଭୋଟ ଗଣନା କେନ୍ଦ୍ରରେ ତ୍ରିସ୍ତରୀୟ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ୩୬ କମ୍ପାନୀ ସେଣ୍ଟ୍ରାଲ ଆର୍ମଡ୍ ପୋଲିସ ଫୋର୍ସ, ୨୫୦ ଷ୍ଟେଟ୍ ଆର୍ମଡ୍ ପୋଲିସ ସମେତ ରାଜ୍ୟ ପୋଲିସ ଏହି ସୁରକ୍ଷା ଦାୟିତ୍ୱରେ ଥିଲେ। ଏପରି କି ପରବର୍ତ୍ତୀ ସମୟରେ ଯେପରି କୌଣସି ବିଶୃଙ୍ଖଳା କିମ୍ବା ହିଂସା ନ ଘଟିବ ତାହା ଉପରେ ନଜର ରଖାଯାଇଛି। ବିଜୟ ଶୋଭାଯାତ୍ରା କିମ୍ବା ନିର୍ବାଚନ ଫଳାଫଳକୁ ନେଇ ଯଦି କୌଣସି ସ୍ଥାନରେ ଆଇନକୁ ହାତକୁ ନିଆଯାଉଥିବା ନଜରକୁ ଆସିବ ତୁରନ୍ତ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଡିଜିପି କହିଛନ୍ତି।

ଅନ୍ୟପକ୍ଷରେ ଟ୍ୱିନ୍ ସିଟି କଟକ ଓ ଭୁବନେଶ୍ୱରରେ ମଧ୍ୟ ଭୋଟ ଗଣତି ସ୍ୱାଭାବିକ ତଥା ଶାନ୍ତିପୂର୍ଣ୍ଣ ଥିଲା ବୋଲି ପୋଲିସ କମିଶନର ସତ୍ୟଜିତ ମହାନ୍ତି କହିଛନ୍ତି। ତାଙ୍କ ସୂଚନାନୁସାରେ, ଭୋଟ ଗଣତି ସ୍ଥାନରେ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯିବା ସହ କଟକରେ ୨୦ ପ୍ଲାଟୁନ ଏବଂ ଭୁବନେଶ୍ୱରରେ ୨୮ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ସେହିଭଳି ବିଭିନ୍ନ ସମ୍ବେଦନଶୀଳ ସ୍ଥାନଗୁଡ଼ିକରେ ପୋଲିସ ପିକେଟିଂ କରାଯାଇଥିଲା। ଷ୍ଟ୍ରାଇକିଂ ଫୋର୍ସ ଏବଂ କୁଇକ୍ ଆକ୍ସନ ଟିମକୁ ସଜାଗ ରଖାଯାଇଥିଲା। ବିଶେଷକରି ସିଇଓଙ୍କ କାର୍ଯ୍ୟାଳୟ ଓ ଟୁଇନ ସିଟିରେ ଥିବା ରାଜନୈତିକ ଦଳର କାର୍ଯ୍ୟାଳୟରେ ଫୋର୍ସ ମୁତୟନ ରହିଥିଲେ। କଟକରେ ପ୍ରାୟ ୩୦ ଓ ଭୁବନେଶ୍ୱରରେ ୪୫ଟି ମୋବାଇଲ ଟିମ ବିଭିନ୍ନ ସେଣ୍ଟରରେ ରହି କାର୍ଯ୍ୟ କରିଥିଲା ବୋଲି କମିଶନର କହିଛନ୍ତି।












## ବୋମା ପକାଇ ଅଟୋ ଚାଳକଙ୍କୁ ହତ୍ୟା

ବେଗୁନିଆ,୨୩।୫ (ଡି.ଏନ.ଏ.)

ଖୋର୍ଦ୍ଧା ଜିଲା ବେଗୁନିଆ ଥାନା ଡିଙ୍ଗର ଗ୍ରାମରେ ଗୁରୁବାର ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। ପୂର୍ବ ଶତ୍ରୁତାକୁ ନେଇ ଜଣେ ଅଟୋ ଚାଳକଙ୍କୁ ବୋମା ପକାଇ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ମୃତକ ଜଣଙ୍କ ହେଲେ ସନ୍ତୋଷ ପାତ୍ର(୩୨)। ଏ ନେଇ ଗ୍ରାମରେ ଚାପା ଉତ୍ତେଜନା ଦେଖାଦେଇଛି। ଘଟଣାସ୍ଥଳରେ ପୋଲିସ ପହଞ୍ଚି ତଦନ୍ତ ଚଳାଇଛି। ପୋଲିସ ସୂଚନା ଅନୁସାରେ, ମୃତ ସନ୍ତୋଷଙ୍କ ବାପା ଶିଖରଙ୍କ ଅଭିଯୋଗ ମୁତାବକ ଆମ ବସ୍ତିରେ ଅନ୍ୟ ଏକ ପରିବାର ସହ ପୂର୍ବରୁ ତିକ୍ତତା ଲାଗି ରହିଥିଲା। ପରେ ବାରମ୍ବାର ଉଭୟ ପରିବାର ମଧ୍ୟରେ ଗଣ୍ଡଗୋଳ, ମାରପିଟ ସହ ହତ୍ୟା ଧମକ ଦିଆଯାଉଥିଲା। ମାତ୍ର ଗୁରୁବାର ରାତି ପ୍ରାୟ ୮ଟା ବେଳକୁ ମୋ ପୁଅ ସନ୍ତୋଷ ନିଜର ଅଟୋକୁ ଚଳାଇ ଘରକୁ ଫେରୁଥିଲେ। ହେଲେ ହାଇସ୍କୁଲ ନିକଟରେ ପ୍ରଚଣ୍ଡ ଶବ୍ଦ ଶୁଭିଥିଲା। ସ୍ଥାନୀୟ ଲୋକେ ଯାଇ ଦେଖିଲା ବେଳକୁ ଅଟୋ ଉପରକୁ ଏକ ବୋମା ପକାଯାଇଥିବା ଜାଣିବାକୁ ପାଇଥିଲେ। ଘଟଣା ସ୍ଥଳରେ ମଧ୍ୟ ସନ୍ତୋଷଙ୍କ ମୁଣ୍ଡରେ ଶକ୍ତ ଆଘାତ ଲାଗିବା ସହ ଅଟୋଟି ଭାଙ୍ଗିରୁଜି ଯାଇଥିଲା। ଖବରପାଇ ବେଗୁନିଆ ପୋଲିସ ପହଞ୍ଚିଥିଲା। ଏ ସମ୍ପର୍କରେ ଏସ୍‌ଆଇ ବିଜୟ କୁମାର ମଲ୍ଲିକ କୁହନ୍ତି, ଘଟଣାର ତଦନ୍ତ ଜାରି ରହିଛି। ତେବେ ସନ୍ତୋଷଙ୍କ ମୃତ୍ୟୁର କାରଣ ସ୍ପଷ୍ଟ ହୋଇପାରିନାହିଁ। ରାଜନୈତିକ କାରଣ କିମ୍ବା ପାରିବାରିକ ଶତ୍ରୁତା ତାହା ଅଧିକ ତଦନ୍ତ ପରେ ଜଣାପଡ଼ିବ।











1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ